ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.286, Bhubaneswar Sunday, December 29, 2019 | ୨୨ତମ ବର୍ଷ ସଂଖ୍ୟା–୨୮୬ ଭୁବନେଶ୍ୱର , ରବିବାର, ଡିସେମ୍ବର ୨୯, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ରାଜ୍ୟରେ ଶୀତଲହରି : ୧୮ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୮।୧୨(ପି.ଏନ): ଓଡ଼ିଶା ଉପରେ ଟ୍ରପଲାଇନ ଯାଇଥିବାରୁ ପାଗ ଥଣ୍ଡା ସହ ଘନ କୁହୁଡ଼ି ରହିବ। ଗତ ୨୪ଘଂଟା ମଧ୍ୟରେ ଅନୁଗୁଳ, କଳାହାଣ୍ଡି ଏବଂ କନ୍ଧମାଳ ଜିଲ୍ଲାରେ ଘନ କୁହୁଡ଼ି ରହିଥିଲା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ସାଧାରଣ କୁହୁଡ଼ି ପଡ଼ିଥିବା ଦେଖିବାକୁ ମିଳିଥିଲା। ଓଡ଼ିଶାର ଉପକୂଳ ଅଂଚଳର ଗୋଟିଏ ଦୁଇଟି ସ୍ଥାନରେ ଅଳ୍ପ ପରିମାଣର ବର୍ଷା ହୋଇଥିଲା। ସୋନପୁରରେ ତାପମାତ୍ରା ସର୍ବନିମ୍ନ ୪ ଡିଗ୍ରୀ ଥିଲା। ଆସନ୍ତା ୫ଦିନ ପାଇଁ ପାଣିପାଗ ଅଫିସ୍ ପକ୍ଷରୁ ପାଗର ସ୍ଥିତି ସମ୍ପର୍କରେ ଆଗୁଆ ସତର୍କ ସୂଚନା ଦିଆଯାଇଛି। ୨୮ ଓ ୨୯ ତାରିଖରେ ରାଜ୍ୟର ୧୮ଟି ଜିଲ୍ଲା ସୁନ୍ଦରଗଡ଼, ଦେଓଗଡ଼, କେନ୍ଦୁଝର, ଅନୁଗୁଳ, ମୟୂରଭଞ୍ଜ, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଜିଲ୍ଲାରେ ଶୀତ ଲହରି ରହିବ। ବଲାଙ୍ଗୀର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଅତିଶୟ ଥଣ୍ଡା ରହିବ। ଅନୁଗୁଳ, କେନ୍ଦୁଝର, ବାଲେଶ୍ୱର, ଦେଓଗଡ଼, ମୟୂରଭଞ୍ଜ ଜିଲ୍ଲାର ଗାଟିଏ ଦୁଇଟି ସ୍ଥାନରେ ଅତିଶୟ ଥଣ୍ଡା ରହିବ। ଏହିସବୁ ଜିଲ୍ଲାରେ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଅପରପକ୍ଷରେ କନ୍ଧମାଳ, କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର ଚାରିଟି ଜିଲ୍ଲାର କିଛି ସ୍ଥାନରେ ଅତିଶୟ ଥଣ୍ଡା ପାଗ ରହିବ। ଏଗୁଡ଼ିକୁ ହଳଦିଆ ସତର୍କ ସୂଚନା ଦିଆଯାଇଛି। ୨୯ ଓ ୩୦ ତାରିଖରେ ରାଜ୍ୟର ଉତରାଂଚଳ ବାଲେଶ୍ୱର, କଟକ, ସୋନପୁର, ବୌଦ୍ଧ ଓ ବଲାଙ୍ଗୀରରେ ଥଣ୍ଡା ପାଗ ରହିବ। ଏହିସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂରେ ରଖାଯାଇଛି। ୩୦ ଓ ୩୧ ତାରିଖ ଅନୁଗୁଳ, ବୌଦ୍ଧ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସୋନପୁର ଓ ବଲାଙ୍ଗୀର ଜିଲ୍ଲାରେ ପାଗ ମଧ୍ୟ ଥଣ୍ଡା ଏବଂ ଶୁଖିଲା ରହିବ। ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂରେ ରଖାଯାଇଛି। ୩୧ ଓ ୧ ତାରିଖରେ ରାଜ୍ୟରେ ସମ୍ପୂର୍ଣ୍ଣ ଭାବେ ପାଗ ଶୁଖିଲା ରହିବ। ୧ ଏବଂ ୨ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ଦେଓଗଡ଼, ନୂଆପଡ଼ା ଏବଂ ବରଗଡ଼ ଜିଲ୍ଲାମାନଙ୍କରେ ମଧ୍ୟମ ଧରଣର ବର୍ଷା ହେବ। ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ପାଗ ଶୁଖିଲା ରହିବ।

## ବିଭିନ୍ନ ପ୍ରବେଶ ପଥମାନଙ୍କରେ ଗାଡ଼ିଯାଂଚ କଡ଼ାକଡ଼ି ହେବ

ଭୁବନେଶ୍ୱର, ୨୮।୧୨(ପି.ଏନ): ସହରର ବିଭିନ୍ନ ପ୍ରବେଶ ପଥରେ ଗାଡ଼ି ଯାଂଚକୁ ଜୋରଦାର କରାଯିବ ବୋଲି ଡିସିପି ଶ୍ରୀ ଅନୁପ ସାହୁ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଏଥିପାଇଁ ଅଧିକ ୧୫ ପ୍ଲାଟୁନ ପୋଲିସ ମୁତୟନ କରାଯିବ। ମଦୁଆ ଚାଳକଙ୍କ ଉପରେ ପୋଲିସର କଡ଼ା ନଜର ରହିବ। ଚଳିତ ବର୍ଷକୁ ବିଦାୟ ଏବଂ ନବବର୍ଷ ଉପଲକ୍ଷେ ବିଭିନ୍ନ ହୋଟେଲ୍‌ମାନଙ୍କରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ଅନୁମତି ଦିଆଯାଇଛି। ରାତି ୧୨ଟା ପର୍ଯ୍ୟନ୍ତ ଏହି ପ୍ରୋଗ୍ରାମ ଚାଲିବବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

## ପାଉତି ଆପ୍ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୮।୧୨(ପି.ଏନ): ଏଣିକି ଲୋକମାନେ ପାଉତି ମୋବାଇଲ୍ ଆପ୍ ଜରିଆରେ ତାଙ୍କର ଖଜଣା ଦେଇପାରିବେ। ଏହାବ୍ୟତୀତ ଇ-ସାର୍ଟିଫିକେଟ୍ ୱେବସାଇଟ୍‌ରେ ଆପ୍ଲିକେଶନ ଫର୍ମରେ ଆବେଦନ କରିପାରିବେ। ଆଜି ଅପରାହ୍ନରେ ଲୋକସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ଦୁଇଟିକୁ ଉନ୍ମୋଚିତ କରିଥିଲେ। ପାଉତି ଆପ୍ ମାଧ୍ୟମରେ ଘର ଜମିର ଖଜଣା ପୈଠ କରିପାରିବେ। ବାସିନ୍ଦା, ଆୟ ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ପାଇଁ ଅନଲାଇନ ଆବେଦନ କରିପାରିବେ। ଏଥିପାଇଁ ଆଉ କୌଣସି ଜନସେବା କେନ୍ଦ୍ର ବା ତହସିଲ ଅଫିସକୁ ଯିବାକୁ ପଡ଼ିବ ନାହିଁ। ଏହା ବ୍ୟତୀତ ରାଜସ୍ୱ ପ୍ରଶାସନକୁ ଲୋକାଭିମୁଖୀ କରିବାପାଇଁ ବାସସ୍ଥାନ , ଆୟ ତଥା ଅନ୍ୟାନ୍ୟ ସାର୍ଟିଫିକେଟ୍ ସବୁ ହିତାଧିକାରୀଙ୍କ ସ୍ୱଘୋଷିତତଥ୍ୟ ଉପରେ ପ୍ରଦାନ କରିବପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସବୁ ସାର୍ଟିଫିକେଟ୍ ମାଗଣାରେ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।ଏହାସହିତ ସଲଭେନ୍ସି ସାର୍ଟିଫିକେଟ୍ ବ୍ୟବସ୍ଥାର ଉଚ୍ଛେଦ କରାଯାଇଛି।ସେହିପରି ସରକାରୀ କର୍ମଚାରୀଙ୍କ ମୃତ୍ୟୁ କ୍ଷେତ୍ରରେ ଓ ପ୍ରାପ୍ୟ ପାଇବା ପାଇଁ ଉତରାଧୀକାରୀ ପ୍ରମାଣପତ୍ର (ଲିଗାର ହାୟର) ର ଏଣିକି ଆବଶ୍ୟକତା ନାହିଁ। ଏହି ଆପ୍ ର ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲୋକଙ୍କ ଦୈନନ୍ଦିନ ଜୀବନରେ ସହଜତା ଆଣିବା ପାଇଁ ସବୁ ସରକାରୀ ସେବା ଗୁଡ଼ିକୁ ଲୋକଙ୍କ ନିକଟକୁ ନେବା ଲାଗି ଉଦ୍ୟମ ଜାରୀ ରହିଛି।ଏହି କାର୍ଯ୍ୟକ୍ରମରେ ରାଜସ୍ୱମନ୍ତ୍ରୀ ସୁଦାମ ମାର୍ଣ୍ଡି , ମୁଖ୍ୟ ଶାସନ ସଚିବ,ପୋଲିସ ମହାନିର୍ଦ୍ଦେଶକ, ୫-ଟି ସଚିବ , ବିଭିନ୍ନ ବିଭାଗର ସଚିବ ଉପସ୍ଥିତ ଥିଲେ।

### ୩୦ରେ ଓଇଆରସି ଘେରିବେ ରାଜ୍ୟ ବିଦ୍ୟୁତ୍ ଶ୍ରମିକ ଓ କର୍ମଚାରୀ

ଭୁବନେଶ୍ୱର, ୨୮।୧୨(ପି.ଏନ): ସେସୁର ଘରୋଇକଣ ବିରୋଧରେ ଓଡିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଇଂଜିନିୟରସ୍ ଏକତା ମଂଚ ପକ୍ଷରୁ ଆସନ୍ତା ୩୦ ତାରିଖରେ ବିଦ୍ୟୁତ୍ ନିୟାମକ ଆୟୋଗ ଘେରାଉ କରାଯିବ। ଏହାସହ ବିଦ୍ୟୁତ୍ ଘରୋଇକରଣ ବିରୁଦ୍ଧରେ ଜାନୁଆରୀ ୮ ତାରିଖରେ ହେବାକୁ ଥିବା ସର୍ବଭାରତୀୟ ଆନ୍ଦୋଳନରେ ମଂଚର ଶ୍ରମିକ , କର୍ମଚାରୀ ଓ ଇଂଜିନିୟର ମାନେ ସାମିଲ ହେବାକୁ ନିଷ୍ପତି ହୋଇଛି। ମଂଚର ସଦସ୍ୟ ଯତୀନ୍ଦ୍ର କୁମାର ରାୟ, ବ୍ରହ୍ମପ୍ରକାଶ ପାଇକରାୟ, ଅକ୍ଷୟ କୁମାର ତ୍ରିପାଠୀ , ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଏହି ସୂଚନା ଦେଇଛନ୍ତି।

## ବିଜେପି ସରକାର ପାଇଁ ସମ୍ବିଧାନ ଓ ଗଣତନ୍ତ୍ର ବିପଦରେ

ଭୁବନେଶ୍ୱର, ୨୮।୧୨(ପି.ଏନ): ଦେଶର ସମ୍ବିଧାନ ଏବଂ ଗଣତନ୍ତ୍ର ବିପଦରେ ରହିଛି। ଏହାକୁ ବଂଚାଇବା ପାଇଁ କଂଗ୍ରେସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ଏଆଇସିସିର ମୁଖପାତ୍ର ଶ୍ରୀ ଅଖିଳେଶ ପ୍ରତାପ ସିଂ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଦେଶର ଶାସନ କ୍ଷମତାରେ ଥିବା ବିଜେପି ଏବଂ ଆରଏସଏସ ସମ୍ବିଧାନର ଭାବନାକୁ ହତ୍ୟା କରୁଛନ୍ତି। ବର୍ତମାନ କ୍ଷମତାସୀନ ସରକାର ସିଏଏ ଓ ଏନଆରସିରେ ମାତିଛନ୍ତି ବୋଲି ସେ କହିଛନ୍ତି। ଆଜି କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିଂ କହିଥିଲେ ଯେ, ସୁପ୍ରିମକୋର୍ଟର ନିର୍ଦ୍ଦେଶରେ ଆଣିଥିବା ଏନଆରସି ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛି। ଦେଶରେ ଏକ ଭୟର ବାତାବରଣ ସୃଷ୍ଟି କରାଯାଇଛି। ବିଭିନ୍ନ ସମୟରେ ବିଭିନ୍ନ ଆଇନ୍ ଆଣି ଲୋକଙ୍କୁ ବଳପୂର୍ବକ ଶାସନ କରିବା ପାଇଁ ଉଦ୍ୟମ କରାଯାଉଛି। ନିର୍ବାଚନ ପ୍ରଚାର ସମୟରେ ଯାହାସବୁ ପ୍ରତିଶ୍ରୁତି ପ୍ରଧାନମନ୍ତ୍ରୀ ଦେଇଥିଲେ ତାହା ପାଣିର ଗାର ହୋଇଛି। ବିଦେଶରୁ କଳାଧନ ଆଣିବା, ପ୍ରତିବର୍ଷ ୨କୋଟି ନିଯୁକ୍ତି ଦେବା, ବେଟି ବଂଚାଅ, ସ୍ମାର୍ଟସିଟି କରିବାପାଇଁ ଏହି ପ୍ରତିଶ୍ରୁତି ଦେଇଥିଲେ। ସରକାର କ୍ଷମତାକୁ ଆସିବା ପରେ ତାଙ୍କର ମିତ୍ରମାନଙ୍କୁ ସାଢ଼େ ୬କୋଟି ଟଙ୍କା ଛାଡ଼ କରିଥିଲାବେଳେ କେନ୍ଦ୍ର ସରକାର ୫୦ଲକ୍ଷ କୋଟି ଟଙ୍କା ଋଣ କରିସାରିଲେଣି। ଆରବିଆଇରେ ଥିବା ଜମା ଟଙ୍କାକୁ ମଧ୍ୟ ତାଙ୍କ ମିତ୍ରମାନଙ୍କୁ ଦେଇଛନ୍ତି।ସେ ଆହୁରି କହିଛନ୍ତି ଯେ, ଏହି ଶାସନ କାଳରେ ସାମାଜିକ ବିଶୃଙ୍ଖଳା ଦେଖାଦେଇଛି। ଭାଇ ଭାଇ ଭିତରେ ଦ୍ୱନ୍ଦ୍ୱ, ପରିବାର ମଧ୍ୟରେ ଦ୍ୱନ୍ଦ୍ୱ, ବିଭାଜନ କରି କ୍ଷମତା ରୁହ ନୀତି ଆପଣେଇଛନ୍ତି। ଇଷ୍ଟଇଣ୍ଡିଆ କମ୍ପାନୀ ଯାହା କରୁଥିଲା ଏମାନେ ତାହା କରୁଛନ୍ତି। ବିଜେପି ନମ୍ବର-୨ ଇଷ୍ଟଇଣ୍ଡିଆ କମ୍ପାନୀ ବୋଲି ସେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଏଆଇସିସି ସମ୍ପାଦକ ରୁଦ୍ର ରାଜୁ, ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଉଚ୍ଛେଦ ହୋଇଥିବା ବ୍ୟବସାୟୀ ଓ ଉଠା ଦୋକାନୀଙ୍କ ଭାଳେଣି, ମାର୍କେଟ କମ୍ପ୍ଲେକ୍ସକୁ ନେଇ ସନ୍ଦେହ

ପୁରୀ, ୨୮।୧୨(ପି.ଏନ): ଶ୍ରୀକ୍ଷେତ୍ର ହେବ ବିଶ୍ୱ ଐତିହ୍ୟ ନଗରୀ। ଶ୍ରୀମନ୍ଦିର ହେବ ସୁରକ୍ଷିତ। ଶ୍ରୀମନ୍ଦିର ଚାରିପଟେ ସୃଷ୍ଟି ହେବ ସବୁଜ ବନାନୀ। ତୁରୀଭଳି ନିର୍ମିତ ହେବ ଟ୍ରମ୍ପେଟ ବ୍ରିଜ। ସୁଖଦ ଅନୁଭୂତି ନେଇ ଫେରିବେ ଭକ୍ତ। ଭକ୍ତଙ୍କ ପାଇଁ ନିର୍ମିତ ହେଉଛି ବିରାଟ ସେଡ୍। ଧାଡି ଦର୍ଶନରେ ଭକ୍ତମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ଏହିସବୁ କଥା କହି ରାଜ୍ୟ ସରକାର ଶ୍ରୀମନ୍ଦିର ସୁରକ୍ଷା ନାଁରେ ୭୫ ମିଟର ପର୍ଯ୍ୟନ୍ତ ସୁରକ୍ଷା କରିଡର ସୃଷ୍ଟି କରିବା ପାଇଁ ଉଚ୍ଛେଦ ଜୋରଦାର କରିଛନ୍ତି। ନୂଆବର୍ଷ ଗହଳିକୁ ନେଇ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏମାର ମଠ, ବଡଆଖେଡା ମଠ, ଲଙ୍ଗୁଳି ମଠ, ସାନଛତା ମଠରେ ସ୍ଥାୟୀ ଦୋକାନ କରିଥିବା ବ୍ୟବସାୟୀ ଓ ଭକ୍ତଙ୍କ ଉପରେ ନିର୍ଭର କରି ବ୍ୟବସାୟ କରୁଥିବା ଉଠାଦୋକାନୀମାନେ ଏବେ ଭାଳେଣୀରେ ପଡିଛନ୍ତି। ସରକାର ଦେଖାଇଥିବା ସ୍ୱପ୍ନ ଚୁରମାର ହୋଇଯିବନି ତ। ବଡବଡିଆ ଗହଣା ଦୋକାନୀଙ୍କୁ ବଲ୍ଲଭ ଭିତରେ ଥିବା ମାର୍କେଟ କମ୍ପ୍ଲେକ୍ସରେ ସ୍ଥାନ ଦିଆଯାଇଛି। ଅନ୍ୟ ବ୍ୟବସାୟୀମାନେ ଏବେ ହାତବାନ୍ଧି ବସିଛନ୍ତି। ଜନହିତକାରୀ ସରକାର ହଜାର ହଜାର ଲୋକଙ୍କୁ ବ୍ୟବସାୟ ନଷ୍ଟକରି କି ଐତିହ୍ୟ ସଜାଡିବେ ତାକୁ ନେଇ ଏବେ ସହରରେ ସନ୍ଦେହ ସୃଷ୍ଟି ହୋଇଛି। ପୌରମାର୍କେଟ, ମହୋଦଧି ମାର୍କେଟକୁ ଧୂଳିସାତ୍ କରି ସେଠାରେ ଏବେ ପୌରସଂସ୍ଥା ଅସ୍ଥାୟୀ ଭିତିରେ ଚାରିଚକିଆ ଗାଡି ପାର୍କିଂ ପାଇଁ ବ୍ୟବହୃତ ହେଉଛି। ବ୍ୟବସାୟୀମାନେ ଏବେ କହୁଛନ୍ତି ସେଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣର ନାଁ ଗନ୍ଧ ନାହିଁ। ହବକି ନାହିଁ ତାକୁ ନେଇ ମନରେ ସନ୍ଦେହ ସୃଷ୍ଟି ହେଲାଣି। ସରକାର ସ୍ୱପ୍ନ ଦେଖାଇ ଆମ ସ୍ୱପ୍ନ ଭାଙ୍ଗିବାକୁ ଚେଷ୍ଟା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ବିକାଶ ନାଁରେ ବିନାଶ ପ୍ରାଥମିକତା ହୋଇଛି। ଭକ୍ତମାନେ ସାନଛତା ମଠ, ବଡଆଖେଡା ମଠ ଓ ଲଙ୍ଗୁଳି ମଠରେ ନାମ ସଂକୀର୍ତନ ଶୁଣି ଯେଉଁ ଭକ୍ତିଭାବ ସୃଷ୍ଟି ହେଉଥିଲା ତାହା ଏବେ ନାହିଁ। ଏବେ କେବଳ ନନ୍ଦନକାନନ ବୁଲିଲା ପରି ଗୁଡିଏ ଗଛ, ଛତା ଆକୃତିର ସେଡ୍ ଓ ଖୋଲାଜାଗା ଦେଖୁଛନ୍ତି। ଏମାର ମଠ, ଲଙ୍ଗୁଳି ମଠ ଓ ବଡଆଖେଡା ମଠକୁ ଲୁଚାଇବା ପାଇଁ ବଡ ବଡ ଗଛ ଦ୍ୱାରା ଆବୃତ କରିଛନ୍ତି। ଖରାଯୋଗୁଁ ବଡ ବଡ ଗଛଗୁଡିକ ପତ୍ର ଝଡିଆ ଆରମ୍ଭ କଲାଣି।

## ଥଣ୍ଡା ମୁକାବିଲା ପାଇଁ ପ୍ରତିକାର ମୂଳକ ପଦକ୍ଷେପ ନେବାକୁ ଏସଆରସିଙ୍କ ପକ୍ଷରୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୮।୧୨(ପି.ଏନ): ରାଜ୍ୟରେ ପାଗ ଅତିଶୟ ଥଣ୍ଡା ରହୁଥିବାରୁ ଏଥିପାଇଁ ପ୍ରତିକାର ମୂଳକ ବ୍ୟବସ୍ଥା ଗ୍ରହଣ କରିବା ଲାଗି ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଏସଆରସିଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକ, ତହସିଲ, ଗ୍ରାମ ପଂଚାୟତମାନଙ୍କରେ ଅନୁରୂପ ଭାବେ ପଦକ୍ଷେପ ନେବାପାଇଁ କୁହାଯାଇଛି। ଗରିବ, ଅସହାୟ ବ୍ୟକ୍ତିମାନଙ୍କ ପାଇଁ ରାତ୍ରୀ ଆଶ୍ରୟସ୍ଥଳ, ସ୍କୁଲ ଏବଂ ସାଧାରଣ କୋଠାଘର ଖୋଲା ରଖିବା ପାଇଁ ଏହି ନିର୍ଦ୍ଦେଶରେ କୁହାଯାଇଛି।




ନୂଆଦିଲ୍ଲୀରେ ଅରୁଣ ଜେଟିଲ ସମ୍ପର୍କିତ 'ଦି ରେନାଇସାନ୍ସ ମ୍ୟାନ'ପୁସ୍ତକକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉନ୍ମୋଚନ କରିବା ସହ ଅରୁଣ ଜେଟିଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି

### ଲିଙ୍ଗରାଜ ମନ୍ଦିର ଭଜନ ମଣ୍ଡପ ପାଇଁ ୫ କୋଟି ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୧୨(ପି.ଏନ): ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିକଟରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ଭଜନ ମଣ୍ଡପ ଓ ଲିଙ୍ଗରାଜ ରିସର୍ଚ୍ଚ ସେଂଟର ର ନୂତନ ବିଲଡିଂ ନିର୍ମାଣ କରାଯିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ୫ କୋଟି ଟଙ୍କା ଘୋଷଣା କରିଛନ୍ତି। ଏଠାରେ ଏକ ୱାଚ୍ ଟାୱାର ମଧ୍ୟ ରହିବ। ଖୁବ୍ ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

### ବିହାର ରାଜ୍ୟପାଳଙ୍କ ଶ୍ରୀମନ୍ଦିର ଦର୍ଶନ

ଭୁବନେଶ୍ୱର, ୨୮।୧୨(ପି.ଏନ): ଓଡ଼ିଶା ଗସ୍ତରେ ଆସିଥିବା ବିହାର ରାଜ୍ୟପାଳ ଶ୍ରୀ ଫଗୁ ଚୌହ୍ୱାନ ଆଜି ପୁରୀ ଯାଇ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ନେଇଥିଲେ। ଜିଲ୍ଲା ପ୍ରଶାସନ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା।

### ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ କୁଳପତି ନିଯୁକ୍ତ

ଭୁବନେଶ୍ୱର, ୨୮।୧୨(ପି.ଏନ): ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କୁ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ଦିଆଯାଇଛି। ସେ ଏହି ପଦବୀରେ ୩ ବର୍ଷ ପର୍ଯ୍ୟନ୍ତ ରହିବେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହି ନିଯୁକ୍ତି ଦେଇଛନ୍ତି। ବର୍ତମାନ ପ୍ରଫେସର ତ୍ରିପାଠୀ ମଧ୍ୟପ୍ରଦେଶ ଅମରକଂଟକ ସ୍ଥିତ ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ କାର୍ଯ୍ୟରତ ଅଛନ୍ତି। ୧୫ ଜୁନ୍ ୧୯୬୪ ମସିହାରେ ଜନ୍ମ ଗ୍ରହଣ କରିଥିବା ପ୍ରଫସର ତ୍ରିପାଠୀ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ୧୯୮୬ ମସିହାରେ ସ୍ନାତକୋତର ଓ ୧୯୯୪ ରେ ପିଏଚଡି ଡିଗ୍ରୀ ହାସଲ କରିଥିଲେ। ଦୀର୍ଘ ୨୭ ବର୍ଷରେ ଶିକ୍ଷକତା ମଧ୍ୟରେ ସେ ୫ ଟି ପୁସ୍ତକ ରଚନା କରିଥିବା ବେଳେ ୧୩ ଟଇ ପୁସ୍ତକର ସମ୍ପାଦନା କରିଛନ୍ତି। ୩୩ ଟି ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଇଛନ୍ତି। ମୋଟ ୭୭ ଟି ସଂକଳନ ପ୍ରକାଶ ପାଇଛି।

## ଥରୁଛି ଉତର ଭାରତ : ୧୧୮ ବର୍ଷର ରେକର୍ଡ ଭାଙ୍ଗିଲା ଦିଲ୍ଲୀ ଶୀତ

ଭୁବନେଶ୍ୱର, ୨୮।୧୨(ପି.ଏନ): ଦେଶର ରାଜଧାନୀ ଦିଲ୍ଲୀ ସମେତ ଉତର ଭାରତ ଥରୁଛି। ପ୍ରବଳ ଥଣ୍ଡା ଓ କୋହଲା ପବନ ଯୋଗୁଁ ସାଧାରଣ ଲୋକଙ୍କ ଘରୁ ବାହାରିବା ଅସମ୍ଭବ ହୋଇଯାଇଛି। ଦିଲ୍ଲୀରେ ଶୀତ ୧୧୮ ବର୍ଷ ରେକର୍ଡ ଭାଙ୍ଗିଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଶନିବାର ସକାଳେ ଦିଲ୍ଲୀର ଲୋଧୀ ରୋଡ୍ ଅଂଚଳରେ ସବୁଠାରୁ କମ୍ ତାପମାତ୍ର ୧.୭ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିଲା। ସେହିପରି ସଫଦରଗଂଜରେ ୨.୪ ଡିଗ୍ରୀ, ପାଲମରେ ୩.୧ ଓ ଆୟାନଗର ରେ୧.୯ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଅନ୍ୟପକ୍ଷରେ ଉତର ଭାରତର ବହୁ ରାଜ୍ୟରେ ପ୍ରବଳ ଶୀତ ସହ ବରଫପାତ ଜାରୀ ରହିଛି। ବହୁ ବର୍ଷ ପୂର୍ବେ ୧୯୦୧ ରେ ଏଭଳି ଶୀତ ପଡିଥିଲା ବୋଲି ଜଣାପଡିଛି। ସେହିବର୍ଷ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଦିଲ୍ଲୀର ତାପମାତ୍ରା ଖୁବ୍ କମ୍ ହୋଇଯାଇଥିଲା। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଦିଲ୍ଲୀରେ ଏଭଳି ସ୍ଥିତି ଲାଗି ରହିବ। ୩୧ ଡିସେମ୍ବର ଠାରୁ ଜାନୁଆରୀ ୨ ତାରିଖ ମଧ୍ୟରେ ଦିଲ୍ଲୀରେ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଶୀତର ଲହରି ଜାରୀ ରହିବ ବୋଲି ଅନୁମାନ କରାଯାଇଛି। ଥଣ୍ଡାର ମାତ୍ରା ବଢିବା ସଙ୍ଗେ ସଙ୍ଗେ ଦିଲ୍ଲୀ –ଏନସିଆରରେ ପ୍ରଦୂଷଣ ସ୍ତର ମଧ୍ୟ ବୃଦ୍ଧି ପାଇଛି। ଶୁକ୍ରବାର ଦିନ ଇଣ୍ଡିଆ ଗେଟ୍ ନିକଟରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୩୬୭ ରେକର୍ଡ କରାଯାଇଛି, ଯାହାକି ବିପଦଜନକ। ଆଇଏମଡିର ସୂଚନା ଅନୁସାରେ ଡିସେମ୍ବରରେ ଦିଲ୍ଲୀର ସର୍ବାଧିକ ତାପମାତ୍ରା ହାରାହାରି ୧୯.୮୫ ଡିଗ୍ରୀ ରେକର୍ଡ ହୋଇଛି।

## ୧୩୪ ତମ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, ୨୮।୧୨(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତୀୟ ଜାତୀୟ କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ବିଧାନ ବଂଚାଅ ଓ ଭାରତ ବଂଚାଅ ପଦଯାତ୍ରା ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ଭବନରୁ ଏହି ପଦଯାତ୍ରା ଆରମ୍ଭ ହୋଇ ରାଜମହଲ ଛକ ପର୍ଯ୍ୟନ୍ତ ଯାଇଥିଲା। ପୂର୍ବାହ୍ନରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ଭବନ ପରିସରରେ ଦଳୀୟ ପତାକା ଉତୋଳନ କରିଥିଲେ। ପରେ ମହାପୁରୁଷମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ କଂଗ୍ରେସ ଭବନ ଠାରେ ଆୟୋଜିତ "ଦେଶ ବଂଚାଅ - ସମ୍ବିଧାନ ବଂଚାଅ" ଶୀର୍ଷକ ଏକ ବୈଠକ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶ୍ରୀ ପଟ୍ଟନାୟକ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ କଂଗ୍ରେସ ଦଳ ଆଜି ୧୩୪ ବର୍ଷରେ ପଦାର୍ପଣ କରୁଛି। ଏହି ଦଳର ଜଣେ ସୈନିକ ହିସାବରେ ଆମ୍ଭେମାନେ ଆଜି ଗର୍ବିତ। ଦେଶର ଏକତା, ଅଖଣ୍ଡତା ଓ ସଂହତି କଂଗ୍ରେସର ମୂଳଲକ୍ଷ୍ୟ ଥିଲା। କିନ୍ତୁ ଆଜି ସମ୍ବିଧାନକୁ ଛିନ୍ନଭିନ୍ନ କରିବାକୁ ବିଜେପି ପକ୍ଷରୁ ଉଦ୍ୟମ କରାଯାଉଛି। ସେଥିପ୍ରତି କଂଗ୍ରେସ କର୍ମୀ ତଥା ଜନସାଧାରଣ ସତର୍କ ରହିବା ଦରକାର। ସେହିଭଳି ବିଜେଡି ସରକାର କେନ୍ଦ୍ରରେ ବିଜେପି ସରକାରକୁ ସମର୍ଥନ ଦେଉଥିବା ବେଳେ ରାଜ୍ୟରେ ବିରୋଧ କରି ଦୋମୁହାଁ ନୀତି ଆପଣାଉଥିବାରୁ ସେ ସମାଲୋଚନା କରିଥିଲେ। ଆଜି ଦେଶ ଯେଉଭଳି ଭାବରେ ଖଣ୍ଡ ବିଖଣ୍ଡିତ ଆଡକୁ ଗତି କରୁଛି ସେଥିପ୍ରତି ସମସ୍ତ କର୍ମୀ ଦେଶ ବଂଚାଅ - ସମ୍ବିଧାନ ବଂଚାଅ ପ୍ରତି ଜାଗ୍ରତ ପ୍ରହରୀ ଭାବରେ କାର୍ଯ୍ୟ କରିବାକୁ ନିବେଦନ କରିବା ସହ ଶ୍ରୀ ପଟ୍ଟନାୟକ ଭାରତର ସମ୍ବିଧାନ ପ୍ରସ୍ତାବନା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଏଆଇସିସି ସଂପାଦକ ଶ୍ରୀ ରୁଦ୍ର ରାଜୁ, ଏଆଇସିସି ମୁଖପାତ୍ର ଅଖିଳେଶ ପ୍ରତାପ ସିଂ, ଜୟଦେବ ଜେନା, ଶରତ ପଟ୍ଟନାୟକ, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଶରତ ରାଉତ, ବିଜୟଲକ୍ଷ୍ମୀ ସାହୁ, ଶିବାନନ୍ଦ ରାୟ ପ୍ରମୁଖ ଭାରତୀୟ ଜାତୀୟ କଂଗ୍ରେସର ଲକ୍ଷ୍ୟ, ଆଦର୍ଶ ଏବଂ ବଳିଦାନ ସଂପର୍କରେ ଆଲୋକପାତ କରି କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାରକୁ ତୀବ୍ର ସମାଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କଂଗ୍ରେସ ନେତା ଶ୍ରୀ ମାନସ ଚୌଧୁରୀ ପରିଚାଳନା କରିଥିବା ବେଳେ ଶ୍ରୀ ଅନନ୍ତ ପ୍ରସାଦ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି ପତାକା ଉତୋଳନ କାର୍ଯ୍ୟକ୍ରମକୁ ସେବାଦଳ ପକ୍ଷରୁ ଶ୍ରୀ ମନୋଜ ଜେନା ଓ ଶ୍ରୀ ଜ୍ୟୋତିଷ କୁମାର ସାହୁ ପରିଚାଳନା କରିଥିଲେ।ଏହି କାର୍ଯ୍ୟକ୍ରମ ପରେ "ଦେଶ ବଂଚାଅ – ସମ୍ବିଧାନ ବଂଚାଅ ଉଦ୍ଦେଶ୍ୟରେ ହଜାର ହଜାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ବିଭିନ୍ନ ସରକାର ବିରୋଧି ସ୍ଲୋଗାନମାନ ଦେଇ କଂଗ୍ରେସ ଭବନରୁ ବାହାରି ରାଜମହଲ ଛକ ଦେଇ ପୁଣି କଂଗ୍ରେସ ଭବନ ଠାରେ ପହଂଚିଥିଲେ।ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳନେତା ନରସିଂହ ମିଶ୍ର, ତାରାପ୍ରସାଦ ବାହିନୀପତି, କିଶୋର ଚନ୍ଦ୍ର ପଟେଲ, ଗୁରୁପଦ ନନ୍ଦ, ଗଣେଶ୍ୱର ବେହେରା, ସମୀର କୁମାର ରାଉତରାୟ, ଶୁଭେନ୍ଦୁ ମହାନ୍ତି, ପଂଚାନନ କାନୁନ୍‌ଗୋ, ଚିନ୍ମୟ ପ୍ରସାଦ ବେଉରା,ଏମ୍ ପରବିନ୍, ନିହାର ବଳ, ନିହାର ରଂଜନ ମହାପାତ୍ର, ରଂଜିତା ରାଉତ, ଆଲୋକ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଆରଏସପି ଭିତରୁ ଧରାଗଲା ଦୁଇ ଟ୍ରକ୍ ; ସନ୍ଦେହଘେରରେ ଆରଏସପି ସୁରକ୍ଷା ବିଭାଗ, ୪ ସୁରକ୍ଷା କର୍ମୀ ନିଲମ୍ବିତ

ରାଉରକେଲା, ୨୮।୧୨(ପି.ଏନ): ରାଉରକେଲା ଇସ୍ପାତ କାରଖାନା ଭିତରେ କୌଣସି କାଗଜ ପତ୍ର ନଥାଇ ପ୍ଲେଟ ମିଲ୍ ପାଖରେ ପହଁଚି ମାଲ୍ ଲୋଡ କରୁଥିବା ଦୁଇଟି ଟ୍ରକ୍ କୁ ଧରାଯିବା ପରେ ଏଠାରେ କାର୍ଯ୍ୟରତ ସିଆଇଏସଏଫ ସମେତ କାରଖାନାର ବିଭିନ୍ନ ଅଧିକାରୀଙ୍କୁ ନେଇ ବର୍ତମାନ ପ୍ରଶ୍ନ ଉଠିଛି। ଖାଲି ସେତିକି ନୁହେଁ ମାଓ ଇଲାକା ଭାବେ ପରିଚିତ ଏହି ଅଂଚଳରେ ଆରଏସପି କେତେ ସୁରକ୍ଷିତ ତାହା ମଧ୍ୟ ଏକ ପ୍ରଶ୍ନବାଚୀ ହୋଇ ଠିଆ ହୋଇଛି। ଏନେଇ କାରଖାନାର ଲୋକସଂପର୍କ ବିଭାଗ ପାଖରେ କୌଣସି ସଠିକ୍ ସୂଚନା ନଥିବା କୁହାଯାଉଥିବା ବେଳେ କାରଖାନାରେ କାର୍ଯ୍ୟରତ ସିଆଇଏସଏଫ ଡିଆଇଜିଙ୍କୁ ବାରମ୍ବାର ଯୋଗାଯୋଗ କରାଜିବା ସତ୍ୱେ କୌଣସି ସୂଚନା ମିଳିନାହିଁ। ଗତକାଲି ଟ୍ରାଫିକ ଗେଟ୍ ଦେଇ ଦୁଇଟି ଟ୍ରକ୍ କାରଖାନାକୁ ପ୍ରବେଶ କରି ପ୍ଲେଟ ମିଲକୁ ଯାଇଥିଲା। ସେଠାରେ ମାଲ ଲୋଡ୍ କରିବା ବେଳେ ଟ୍ରକ ର କାଗଜ ପତ୍ର ମଗାଯାଇଥିଲା। ଏତିକି ବେଳେ ଗାଡିର ଡ୍ରାଇଭର ଓ ତା'ର ସହଯୋଗୀ ସେଠାରୁ ଫେରାର୍ ହୋଇଯାଇଥିଲେ। ପରେ ଟ୍ରକକୁ ସିଆଇଏସଏଫ ଜବତ କରି ଯାଂଚ ଆରମ୍ଭ କରିଥିଲା। ଏହି ଖବର ବାହାରକୁ ଆସିବାରୁ ଜଣା ପଡିଥିଲା ଯେ, ଆସାମ ଓ ନାଗାଲାଣ୍ଡ ଅଂଚଳର ଦୁଇଟି ଟ୍ରକ୍ କୁ ଟ୍ରାଫିକ ଗେଟରେ ଥିବା ସିଆଇଏସଏଫ କର୍ମଚାରୀ ବିନା ଯାଂଚରେ ଭିତରକୁ ଛାଡି ଦେଇଥିଲେ। ଫଳରେ ଏଥିଲାଗି ୪ ଜଣ ସୁରକ୍ଷା କର୍ମୀଙ୍କୁ ନିଲମ୍ବନ କରାଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି, କାହା ଦିର୍ଦ୍ଦେଶରେ ଏହି ଟ୍ରକକୁ ଭିତରକୁ ଛଡା ଗଲା। ଏହି ଟ୍ରକ୍ ସହ କେଉଁ ସଂସ୍ଥାର ସମ୍ପର୍କ ରହିଛି। କେତେ ଦିନ ଧରି ଏହିଭଳି କାରବାର ସମ୍ପୃକ୍ତ ସଂସ୍ଥା ଚଳାଇ ଆସୁଥିଲା। ଯଦି ୪ ଜଣ ସୁରକ୍ଷା କର୍ମୀଙ୍କୁ ନିଲମ୍ବନ କରାଗଲା, ତେବେ ସେ ଇଲାକାରେ ଥିବା ଉଭୟ ଗୁଇନ୍ଦା, ଭିଜିଲାନ୍ସ ତଥା ଗେଟ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ କାହିଁକି ଛାଡି ଦିଆଗଲା। ଏହି ମାଲ୍ ନିୟମିତ ଚୋରୀ ହୋଇ କେଉଁ ଅଂଚଳକୁ ଚାଲାଣ କରାଯାଏ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଗତକାଲି ଠାରୁ ଏହି ଘଟଣା ଘଟିଥିଲେ ବି ରାଉରକେଲା ପୁଲିସକୁ ଏନେଇ ଖବର ଏଯାଏ ଦିଆଯାଇନଥିବା ଜଣା ପଡିଛି। ଖାଲି ସେତିକି ନୁହେଁ ରାଉରକେଲା ଇସ୍ପାତ କାରଖାନା ମୁଖ୍ୟଙ୍କୁ ସବୁ ବିଷୟରେ ନିୟମିତ ରିପୋର୍ଟ କରୁଥିବା ଅଧିକାରିଙ୍କୁ ମଧ୍ୟ ଏନେଇ ଖବର ଦିଆଯାଇ ନାହିଁ। ସେ ଏନେଇ ପଚାରିବାରୁ ସିଆଇଏସଏଫ କୁଆଡେ ତାଙ୍କୁ କହିଛି ଏହା ଆମର ଭିତରର କଥା। ତେଣୁ ଆମେ ଏହା ଜଣାଇ ପାରିବୁ ନାହିଁ। କାରଖାନାର ସୁରକ୍ଷା ଦାୟିତ୍ୱରେ ଥିବା ବିଭାଗର ମୁଖ୍ୟ ଆରଏସପି ସିଇଓଙ୍କୁ ନେଇ ଚାଲିଥିବା ବେଳେ ,ଏଠି ପୁଣି ଆଉ କେଉଁ ବାବୁ ଆସିଲେ ଯିଏକି ଆରଏସପି ସିଇଓଙ୍କୁ ସୂଚନା ଦେବାକୁ ମନା କରିଦେଉଛନ୍ତି ତାହା ବର୍ତମାନ ଆରଏସପି ଓ ସିଆଇଏସଏଫ ମଧ୍ୟରେ ସଂପର୍କକୁ ନେଇ ଆଉ ଏକ ପ୍ରଶ୍ନ ଉଠିଛି। ତେବେ ଗାଡିର ଦୁଇ ଚାଳକ ଓ ସାଙ୍ଗରେ ଥିବା ଲୋକେ ବର୍ତମାନ ସିଆଇଏସଏଫ କବଜାରେ ଥିବାରୁ ପୁରା କଥା ଉପରୁ ପରଦା ଉଠିବାର ସମ୍ଭାବନା ନିଶ୍ଚୟ ରହିଛି ବୋଲି କେତେକ ପଦାଧିକାରୀ ଆଶାବ୍ୟକ୍ତ କରିଛନ୍ତି।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



# ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍‌ସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢ଼ିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




# ଗୀତା ଭବନରେ ଅନୁଷ୍ଠିତ ବ୍ୟକ୍ତିତ୍ୱ ବିକାଶ ଶିବିର

## ଡ. ସତ୍ୟଭାମା ଦାଶଙ୍କ 'ନୀତିସାର କଥା' ପୁସ୍ତକ ଉନ୍ମୋଚିତ

ଭଦ୍ରକ, (ପିଏନ)- ଭଦ୍ରକ ଛପୁଲିଆ ଠାରେ ଚିନ୍ମୟ ମିଶନ ଭଦ୍ରକ ଶାଖା ଆନୁକୂଲ୍ୟରେ ବିଦ୍ୟାର୍ଥୀମାନଙ୍କ ପାଇଁ ଶ୍ରୀମଦ୍ ଭାଗବତ ଗୀତାବାଣୀ ଆଧାରରେ ଅନୁଷ୍ଠିତ ବ୍ୟକ୍ତିତ୍ୱ ବିକାଶ ଶିବିର ଉଦ୍‌ଘାଟିତ ହୋଇଛି।

ଏହି ଅବସରରେ ଗୀତା ଭବନର ପ୍ରତିଷ୍ଠାତା ଡାକ୍ତର ସତ୍ୟଭାମା ଦାଶଙ୍କ ସମାଜ ସଚେତନ ଆଧାରରେ ରଚିତ ପୁସ୍ତକ 'ନୀତିସାର କଥା' ଚିନ୍ମୟ ମିଶଷନ ଭୁବନେଶ୍ୱରର ଅଧ୍ୟକ୍ଷ ସ୍ୱାମୀ ସଦାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଯାଇଛି। ତାଙ୍କ ସହିତ ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଚିତ୍ ଘନାନନ୍ଦ, ଡ. ସତ୍ୟଭାମା ଦାଶ,ଶୀକ୍ଷି କବି ଅଶୋକ ମହାନ୍ତି, ଡାକ୍ତର ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରମୁଖଉପସ୍ଥିତ ରହି ସହଯୋଗ କରିଥିଲେ। ସ୍ୱାମୀ ସଦାନନ୍ଦ ସରସ୍ୱତୀ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବହୁ ନୀତିଶିକ୍ଷା ପ୍ରଦାନ କରିଥିଲେ। ଏହି ବ୍ୟକ୍ତିତ୍ୱ ବିକାଶ ଶିବିରରେ ୧୫୦ ଜଣ ସ୍କୁଲ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି।

ଛାତ୍ରଛାତ୍ରୀମାନଙ୍କୁ ତିନିଦିନ ଧରି ବିଭିନ୍ନ ବିଷୟରେ ଗୀତା ଉପରେ ଆଧାରିତ ନୀତିଶିକ୍ଷା ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରାଯାଉଛି। ସମାଜ ଦିନକୁ ଦିନ କଳୁଷିତ ହେବାକୁ ଯାଉଥିବା ବେଳେ ଆଗାମୀ ପିଢିକୁ ଏଥିରୁ ରକ୍ଷା କରି ସୁପଥକୁ ନେବା ପାଇଁ ଚିନ୍ତା କରି ଡକ୍ଟର ସତ୍ୟଭାମା ଦାଶ ସ୍ୱାମୀ ସଦାନନ୍ଦ ସରାସ୍ୱତୀଙ୍କ ନିର୍ଦ୍ଦେଶରେ ଉକ୍ତ କାର୍ଯ୍ୟକ୍ରମ ଚଳାଇଛନ୍ତି। ଡ. ପୂର୍ଣ୍ଣଚନ୍ଦ୍ର ଦାଶ ଏଥିରେ ସହଯୋଗ କରୁଛନ୍ତି। ସ୍କୁଲ କର୍ତ୍ତୃପକ୍ଷ, ଅଭିଭାବକମାନେ ଉକ୍ତ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଏଲ.ଏମ.ପବ୍ଲିକ ସ୍କୁଲ, ଲାଲାଜୀ ହାଇସ୍କୁଲ,ସ୍ରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ହରିପୁର ୟୁ.ଜି.ଏମ.ଇ. ସ୍କୁଲ, ଜିଲ୍ଲା ସ୍କୁଲ ଭଦ୍ରକ ପ୍ରମୁଖ ଅଂଶ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦିନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଏହି ନୀତିଶିକ୍ଷା ପ୍ରଦାନ କରାଯାଉଛି। ଗୀତା ଭବନରେ ପ୍ରତ୍ୟେକ ମାସ ୧୫ ଦିନ ବିଭିନ୍ନ ପ୍ରବଚକମାନଙ୍କ ଦ୍ୱାରା ଗୀତା ପ୍ରବଚନ ଦିଆଯାଉଛି। ଦୀର୍ଘ ୬ ବର୍ଷ ଧରି ଉକ୍ତ ଗୀତା ଭବନରେ ଆଧାତ୍ମିକ କାର୍ଯ୍ୟକ୍ରମ ନିଃଶୁଳ୍କ ଭାବେ ଚାଲୁ ରହିଛି।

# ଅଭିଭକ୍ତ କଟକ ଜିଲ୍ଲା ବୁଣାକାର ସଂଘ ପକ୍ଷରୁ ସାଂଗଠନିକ ବୈଠକ ଓ ବନ୍ଧୁ ମିଳନ

ଚଣ୍ଡିଖୋଲ, ୨୮/୧୨(ପି.ଏନ)- ଅଭିଭକ୍ତ କଟକ ଜିଲ୍ଲା ବୁଣାକାର ସଂଘ ପକ୍ଷରୁ ଏକ ସାଂଗଠନିକ ବୈଠକ ଓ ବନ୍ଧୁ ମିଳନ ଚଣ୍ଡିଖୋଲସ୍ଥିତ ସରକାରୀ ଡାକବଙ୍ଗଳା ଠାରେ ଶ୍ରୀଧର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ ଓ କଟକ, କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁର ଜିଲ୍ଲାରୁ ଶତାଧିକ ବୁଣାକାର ବନ୍ଧୁ ମାନେ ଯୋଗ ଦେଇଥିଲେ। ସଂଗଠନକୁ ସୁଦୃଢ କରିବା ପାଇଁ ଓ ଗତ ଫନି ବାତ୍ୟାରେ କ୍ଷତି ହୋଇଥିବା ବୁଣାକାର ମାନଙ୍କ ସରକାରୀ ସହାୟତା ମିଳି ନଥିବାରୁ ସମସ୍ତ ସଭ୍ୟ ମାନେ ଆଲୋଚନା କରିଥିଲେ। ଫନି ବାତ୍ୟା ହେବାର ୭ ମାସ ବିତି ଯାଇଥିଲେ ମଧ୍ୟ ତୁରନ୍ତ ସହାୟତା ଦେବାପାଇଁ ବିଭାଗୀୟ



କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷନ କରିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଗଲା। ଅଭିଭକ୍ତ କଟକ ଜିଲ୍ଲା କେନ୍ଦ୍ରପଡା, ଯାଜପୁର , ଜଗତସିଂପୁର ଜିଲ୍ଲାରୁ ୧୭ ଜଣ ବୁଣାକାରଙ୍କୁ ନେଇ ଏକ ପରିଚାଳନା କମିଟି ଗଠନ କରାଗଲା। କମିଟିରେ ସୁରେନ୍ଦ୍ର କୁମାର ବେହେରା,ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ବିଜୟ କୁମାର ଦାସ, ବୃନ୍ଦାବନ ରାଉତ, ନୃସିଂହ ଚନ୍ଦ୍ର ସାହୁ, ଅନନ୍ତ ମହାନ୍ତି, ଶ୍ରୀକାନ୍ତ ନାୟକ, ଶଙ୍କର୍ଷନ ବେହେରା, ଚନ୍ଦ୍ର ମଣି ବେହେରା, ବେଣୁଧର ଦାସ, ରମେଶ ଚନ୍ଦ୍ର ଦାସ, ଜଗବନ୍ଧୁ ପରମାଣିକ, ବିଶ୍ୱାନାଥ ଦାସ, ନରେନ୍ଦ୍ର କୁମାର ବେହେରା, ଅଶୋକ କୁମାର ଗୁଇଁ, ବାଇଧର ଦାସ ପ୍ରମୁଖ କମଟିରେ ରହିବା ପାଇଁ ଓ ଆବାହାକ ଭାବେ ଦାୟିତ୍ୱ ବହନ କରିବା ପାଇଁ ଶ୍ରୀଧର ବେହେରାଙ୍କୁ ମନୋନୀତ କରାଯାଇଛି। ବୁଣାଖଅର ମାନଙ୍କ ଉନ୍ନତି ପାଇଁ ଓ ଫନି ବାତ୍ୟାର ସରକାରୀ ସହ ଯୋଗ ପାଇଁ ସମସ୍ତ ପ୍ରକାର ସାହାଯ୍ୟ କରିବାକୁ ବରୀ ବିଧାୟିକାଙ୍କ ପ୍ରତିନିଧି ଶ୍ରୀ ଦାସ ଏକ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

## ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ମାମଲା

# କନ୍ଧମାଳ ଏସପିଙ୍କ ଛାନଭିନ୍ ଜାରୀ

କନ୍ଧମାଳ,(ପିଏନ)-ବହୁଚର୍ଚ୍ଚିତ ବାଲିଗୁଡ଼ା ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ଘଟଣାର ପର୍ଦ୍ଦାଫାସ କରିବାକୁ ଯାଉଛି କନ୍ଧମାଳ ପୋଲିସ। ଅତିଶିଘ୍ର ଗିରଫ ହେବେ ହତ୍ୟାକାରୀ। କନ୍ଧମାଳ ଏସପି ପ୍ରତୀକ ସିଂ ହତ୍ୟା ଘଟଣାର ଛାନଭିନ୍ କରୁଛନ୍ତି। ଆଉ ପ୍ରକୃତ ହତ୍ୟାକାରୀକୁ ଠାବ ବି କରିସାରିଲାଣି ପୋଲିସ। ସୁପାରୀ କିଲରର ମଧ୍ୟ ପତା ପାଇସାରିଛି ପୋଲିସ। ତେବେ, କିଏ ସେମାନଙ୍କୁ ଏହି ହତ୍ୟାକାଣ୍ଡରେ ନିୟୋଜିତ କରିଥିଲା ଓ ଏଥିପାଇଁ କେତେ ଟଙ୍କା ପାଇଥିଲା । ତା'ର ଖୋଳତାଡ଼ କରୁଛି ପୋଲିସ। କନ୍ଧମାଳ ଏସପି ସିଧାସଳଖ ଘଟଣାର ମନିଟରିଂ କରୁଛନ୍ତି। ଶନିବାର ସଂନ୍ଧ୍ୟା ସୁଦ୍ଧା ଗିରଫ ହେବେ ହତ୍ୟାକାରୀ। ଆସନ୍ତାକାଲି କନ୍ଧମାଳ ଏସପି ଏନେଇ ଗଣମାଧ୍ୟମକୁ ସୂଚନା ଦେଇପାରନ୍ତି। ଏପଟେ ଅଭିମନ୍ୟୁ ପଣ୍ଡା ହତ୍ୟା ଘଟଣାକୁ ୧୯ ଦିନ ବିତିଲାଣି। ପୋଲିସ ହତ୍ୟାକାରୀକୁ ଗିରଫରେ ବିଳମ୍ବ କରୁଥିବା ଫଳରେ ଅଭିମନ୍ୟୁଙ୍କ ଶ୍ରାଦ୍ଧ ଦିବସରେ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ବାଲିଗୁଡାରେ ର୍‍ୟାଲୀ ଓ ଥାନା ଘେରାଉ କରିବାକୁ ସୋମବାର ନିଷ୍ପତି ନିଆଯାଇଥିଲା। ହେଲେ କନ୍ଧମାଳ ଏସପି, ବାଲିଗୁଡା ଏସଡିପିଓ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତାଙ୍କୁ ବୁଝାସୁଝା କରି ଆଉ ୭ ଦିନ ସମୟ ମାଗିଥିଲେ। ଏହି ସମୟସୀମା ରବିବାର ପୂରଣ ହେଉଛି। ଏଣୁ, କନ୍ଧମାଳ ପୋଲିସ ରାତିଦିନ ଏକ କରି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି। ଆଉ ଅତିଶିଘ୍ର ପୋଲିସ ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରିବ ବୋଲି ପୋଲିସ କହିଛି। ଏହି ହତ୍ୟା ଘଟଣାରେ ରାଜନୈତିକ ନେତା, ବରିଷ୍ଠ ଠିକାଦାର, ବ୍ୟବସାୟୀଙ୍କ ସଂପୃକ୍ତି ରହିଥିବାରୁ ପୋଲିସ ପ୍ରକୃତ ହତ୍ୟାକାରୀ ଓ ଷଡ଼ଯନ୍ତ୍ରକାରୀଙ୍କୁ ଧରିବା ଲାଗି ଚେଷ୍ଟା କରୁଛି। ସେ ଯାହା ହେଉନା କାହିଁକି ତଦନ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପଂହଚିଛି। ଆଉ ୨୪ ଘଂଟା ମଧ୍ୟରେ ପୋଲିସ ଘଟଣାର ପର୍ଦ୍ଦାଫାସ କରିବାକୁ ଯାଉଥିବା ଜଣେ ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି। ତେବେ, ପୋଲିସ କେବେ ଅଭିଯୁକ୍ତ ମାନଙ୍କୁ ଗିରଫ କରିବ କେବଳ ତାକୁ ହିଁ ଅପେକ୍ଷା।

## ଜବରଦଖଲ ଉଚ୍ଛେଦ ବେଳେ ଅଘଟଣ : ତିନି ଶ୍ରମିକ ଗୁରୁତର

ଅନୁଗୋଳ,(ପିଏନ)- ୫୫ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ ନିମନ୍ତେ ଆଜି ସକାଳେ ଉଚ୍ଛେଦ କାର୍ଯ୍ୟ ଚାଲିଥିବା ବେଳେ ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ବୁଢ଼ାପଙ୍କ ଗାଁ ଛକରେ ଦୁର୍ଘଟଣା ଘଟି ୩ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି । ଗୁରୁତରଙ୍କ ମଧ୍ୟରୁ ଦୁଇ ଜଣଙ୍କ ଘର ବନ୍ତଳା ଥାନା ଅଧିନ ବଡ଼କେରାରେ ହୋଇଥିବା ବେଳେ ଜଣକ ଘର ଅନୁଗୋଳ ଥାନା ଅଧିନ କୁରୁଡୁଳୁରେ ବୋଲି ଜଣାପଡିଛି । ତେବେ ସେମାନଙ୍କର ସମ୍ପୂର୍ଣ୍ଣ ପରିଚୟ ମିଳିପାରିନାହିଁ ।

ସୂଚନା ଅନୁଯାୟୀ, ୫୫ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ ପାଇଁ ଉଚ୍ଛେଦ ନିମନ୍ତେ ଜଣେ ଠିକାଦାରଙ୍କୁ କାମ ଦିଆଯାଇଥିଲା । ଆଜି ସକାଳେ ବୁଢ଼ାପଙ୍କ ନିକଟରେ ଜଣେ ବ୍ୟକ୍ତିଙ୍କ ଘର ଭଙ୍ଗାଯାଉଥିବା ବେଳେ ଦୁର୍ବଳ ଅବସ୍ଥାରେ ଥିବା ଏହାର ଛାତ ହଠାତ୍ ଭୁଶୁଡ଼ି ପଡିଥିଲା । ଫଳରେ ଘରଭଙ୍ଗା କାର୍ଯ୍ୟରେ ନିୟୋଜିତ ଥିବା ତିନି ଜଣ ଶ୍ରମିକଙ୍କ ଉପରେ ଛାତର କିଛି ଅଂଶ ଖସିପଡିବାରୁ ସେମାନେ ଗୁରୁତର ହୋଇପଡିଥିଲେ । ଖବର ପାଇ ବଅଁରପାଳ ପୋଲିସ ଘଟଣାସ୍ଥଳରେ ପହଂଚିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲା । ପୋଲିସ, ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ଉଦ୍ୟମ କ୍ରମେ ତିନି ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ସଙ୍କଟାପନ୍ନ ରହିଛି । ତେବେ ଏହି ଦୁର୍ଘଟଣା କିପରି ଓ କେଉଁ ପରିସ୍ଥିତିରେ ଘଟିଲା ପୋଲିସ ସେନେଇ ଅଧିକ ତଦନ୍ତ ଚଳାଇଛି ।

## ଭିଜିଲାନ୍ସ ଜାଲରେ କୋଟିପତି ଫରେଷ୍ଟର

କନ୍ଧମାଳ,(ପିଏନ)- ଆୟ ବର୍ହିଭୁତ ସଂପତି ଠୁଳ ଅଭିଯୋଗରେ ଆଜି ବ୍ରହ୍ମପୁର ଓ ଫୁଲବାଣୀ ଭିଜିଲାନ୍ସ ବିଭାଗ ପକ୍ଷରୁ ବାଲିଗୁଡା ଫରେଷ୍ଟ ଡିଭିଜନ ଅର୍ନ୍ତଗତ ବ୍ରାହ୍ମଣୀଗାଁରେ ଫରେଷ୍ଟର ଥିବା କୈଳାସ ଚନ୍ଦ୍ର ସାହୁଙ୍କ ବାଲିଗୁଡାର ପଣସପୋଡି, ଗୁଳିମରା, ନୂଆସାହୀ, ବିଦ୍ୟୁତ କଲୋନୀ, ସାରଙ୍ଗଡରେ ଥିବା ଘର ସମେତ ବ୍ରହ୍ମପୁର, ପୁରୀ, ଭୁବନେଶ୍ୱର, କଳାହାଣ୍ଡି ଆଦି ୭/୮ ଟି ସ୍ଥାନରେ ଚଢ଼ଉ ହୋଇଛି । ଭିଜିଲାନ୍ସ ବିଭାଗ ଫରେଷ୍ଟର ସାହୁଙ୍କ କୋଟି କୋଟି ଟଙ୍କା ମୂଲ୍ୟର ସଂପତି ଠାବ କରିଥିବା ଜଣାପଡିଛି। ଶ୍ରୀ ସାହୁ ପୂର୍ବରୁ ତୁମୁଡିବନ୍ଧ ଓ କ.ନୂଆଗାଁ ଫରେଷ୍ଟ ରେଂଜ ଦାୟୀତ୍ୱରେ ଥିବା ସମୟରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଫୁଲବାଣୀ ଭିଜିଲାନ୍ସ ଡିଏସପି ରବୀନ୍ଦ୍ର ସୁନାଙ୍କ ନେତୃତ୍ୱରେ ୭ ଜଣିଆ ଟିମ୍ ଆଜି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିବା ଡିଏସପି ରବୀନ୍ଦ୍ର ସୁନା କହିଛନ୍ତି।

## ସ୍ୱର୍ଗଦ୍ୱାରରେ ସାମ୍ବାଦିକ ପ୍ରଭାତ କୁମାର ଦାଶଙ୍କ ଶେଷକୃତ୍ୟ ସମ୍ପନ୍ନ

ପୁରୀ, (ପିଏନ)- ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସଭାପତି ତଥା ପ୍ରେସ୍ କାଉନସିଲ୍ ଅଫ ଇଣ୍ଡିଆର ସଦସ୍ୟ ପ୍ରଭାତ କୁମାର ଦାଶଙ୍କ ଶେଷକୃତ୍ୟ ଆଜି ସ୍ୱର୍ଗଦ୍ୱାର ଠାରେ ସମ୍ପନ୍ନ ହୋଇଛି । ତାଙ୍କ ବଡ଼ ଝିଅ ପଥଶ୍ରାଦ୍ଧ ସହ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗଦ୍ୱାରରେ ତାଙ୍କ ସାନଝିଅ, ଜ୍ୱାଇଁଙ୍କ ସମେତ ପ୍ରତିଦିନର ସମ୍ପାଦକ ସୁଧିର କୁମାର ପଣ୍ଡା, ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସମ୍ପାଦକ ଶଶିଭୂଷଣ ପ୍ରହରାଜ, ପୁରୀ ଜିଲ୍ଲା ସଭାପତି ବିଜୟ ମିଶ୍ର, ସାମ୍ବାଦିକ ପ୍ରଦୀପ କୁମାର ନାୟକ, ସଂଘର କର୍ମକର୍ତା, ଲାଲା ଅନନ୍ତ କୁମାର ସିଂ, ଭୁବନେଶ୍ୱରର ବହୁ ସାମ୍ବାଦିକ ଓ ବୁଦ୍ଧିଜିବୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷ ଦର୍ଶନ କରିବା ସହ ମରଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ ।ସ୍ୱର୍ଗତ ଦାଶ ଭୁବନେଶ୍ୱର ପାଇଁ ପ୍ରତିଦିନର ଅଧିସ୍ୱୀକୃତ ସାମ୍ବାଦିକ ଭାବେ କାର୍ଯ୍ୟ କରୁଥିଲେ । ଏପରିକି ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ଦ୍ୱିତୀୟ ଥର ସଦସ୍ୟ ଭାବେ ସେ କାର୍ଯ୍ୟରତ ଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ବ୍ୟକ୍ତିଗତ ରାଜନୈତିକ ସଚିବ ଭାବେ ସେ କାର୍ଯ୍ୟ କରିଥିଲେ । ଓଡ଼ିଶାର ସାମ୍ବାଦିକ ମାନଙ୍କ ପାଇଁ ଲଢ଼େଇ କରି ସାମ୍ବାଦିକ ଗଣନା, ସ୍ୱାସ୍ଥ୍ୟବୀମା, ପେନସନ୍ ଯୋଜନା ପ୍ରଚଳନ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ସାଂଗଠନିକ ଦକ୍ଷତା ଯୋଗୁଁ ୩୦ ଜିଲ୍ଲାରେ ସଂଘର ୧୨ ଶହରୁ ଅଧିକ ସଦସ୍ୟ ରହିଛନ୍ତି । ଆଜିର ଦିନରେ ତାଙ୍କ ଅମର ଆତ୍ମାର ସଦଗତି କାମନା ପୂର୍ବକ ପୁରୀ ଠାରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# ଜାତୀୟ କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ ପାଳିତ



ରାଉରକେଲା, (ପିଏନ) : ଜିଲ୍ଲା କଂଗ୍ରେସ ତରଫରୁ ସେକ୍ଟର-୮ କାର୍ଯ୍ୟାଳୟରେ ଭାରତୀୟ ଜାତୀୟ କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ କଂଗ୍ରେସ ନେତୃବୃନ୍ଦ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ ଜଣାଇବା ପରେ ମୁଖ୍ୟ ଅତିଥି ଜାତୀୟ କଂଗ୍ରେସ ପତାକା ଉତ୍ତୋଳନ କରି ଉପସ୍ଥିତ ନେତୃବୃନ୍ଦ ଓ କର୍ମୀମାନଙ୍କୁ ସମ୍ବୋଧନ କରି କଂଗ୍ରେସ ଦଳର ଐତିହ୍ୟ, ସଂସ୍କୃତି ଓ ଆଦର୍ଶ ବିଷୟରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ କଂଗ୍ରେସ ଦଳ ଭାରତର ସ୍ୱାଧୀନତାରେ ଯେଉଁଭଳି କାର୍ଯ୍ୟ କରି ସ୍ୱାଧୀନ କରାଇଥିଲା ଆଜି ମଧ୍ୟ କଂଗ୍ରେସ ଦଳର କର୍ମୀମାନଙ୍କୁ ସେହିଭଳି କାର୍ଯ୍ୟ କରି ସୁନ୍ଦରଗଡ ଜିଲ୍ଲା ଓ ରାଉରକେଲାରେ ବିଜୟୀ କରାଇବା ପାଇଁ ସବୁ ପ୍ରକାର ଉଦ୍ୟମ କରିବେ ବୋଲି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ, ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ଦେବବ୍ରତ ବିହାରୀ, ଜ୍ଞାନେନ୍ଦ୍ର ଦାସ, ସୁନୀଲ ପଟ୍ଟନାୟକ, ମାତାଦିନ ଜୟସ୍ୱାଲ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ସରୋଜ ଜେନା, ବିଶ୍ୱରଞ୍ଜନ ରାଉତ, ଦିଲ୍ଲୀପ ଜେନା, ଚକ୍ରଧର ମାହାତୋ, ବନ୍ଦେ ଏକ୍କା, ବିଶ୍ୱଜିତ ସାହୁ, ତ୍ରିଲୋଚନା ବେହେରା, ଦିଗ୍‌ବିଜୟ ସାହୁ, ଅଲତାଫ ହୁସେନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକ ସଫଳ ରୂପାୟନ କରିଥିଲେ।

# ଧାନ ସାଇତିବାକୁ ଚାଷୀ ପରିବାରର କସରତ

ଭଦ୍ରକ, (ପିଏନ)-ଆକାଶରେ ଅଦିନିଆ ବର୍ଷାର ବାଦଲ ଦୁଇଦିନ ହେଲା ଚାଷୀଙ୍କୁ ଡରେଇ ରଖିଥିଲା। ହେଲେ ଗତକାଲି ସୂର୍ଯ୍ୟପରାଗ ଥିବାରୁ ସକାଳ ଦିନ ୧୧ ଟା ପର୍ଯ୍ୟନ୍ତ ଅନ୍ଧାରୁଆ ରହିଥିଲା। ଲୋକେ ଭାବୁଥିଲେ ସୂର୍ଯ୍ୟପରାଗ ପାଇଁ ଆକାଶ ଅନ୍ଧାରୁଆ ହୋଇଛି। ଦିନ ୨ଟା ବେଳକୁ ଆକାଶରେ ମେଘଖଣ୍ଡ ଗୁଡିକ ଭାସିବା ସହ ପାଗ ମଧ୍ୟ ବିଗିଡିବା ଆରମ୍ଭ ହୋଇଗଲା। ଦିନ ୩ଟା ବେଳକୁ ଝିପିଝିପି ବର୍ଷା ପକାଇଲା। ହଠାତ୍ ବର୍ଷାକୁ ଦେଖି ଚାଷୀ ହତାଶ ହୋଇପଡିବା ସହ ବିଲ ଓ ଖଳାରେ ପଡିଥିବା ଶୁଖିଲା ଧାନ ଗଦାକୁ ରକ୍ଷା କରିବା ପାଇଁ ସପରିବାରେ ଲାଗିପଡିଲେ। ବିଲରେ କଟା ହୋଇ ପଡିଥିବା ଧାନ ଓ ମେସିନ୍ କାଟି ପକାଇଥିବା ଧାନ ବସ୍ତା ଗୁଡିକୁ ସୁରକ୍ଷିତ ରଖିବା ପାଇଁ ଜରିପାଲ, ପଲିଥିନ ଆଦି ଘୋଡାଇ ରଖିବା କାମରେ ବ୍ୟସ୍ତ ହୋଇପଡିଲେ। ଧାନବିଲ ଓ ଖଳା ସବୁଆଡେ ଖୋଲା ମେଲାରେ ପଡିଛି କଚଡା ଓ ପିଟା ହୋଇଥିବା ଧାନ। ଅମଳବେଳେ ଏପରି ଅଦିନିଆ ମେଘକୁ ଦେଖି ଚାଷୀର ହୋସ୍ ଉଡିଯାଇଛି। କାହାକୁ ରଖିବ କାହାକୁ ଛାଡିବ, ଚିନ୍ତା କରୁ କରୁ ଝିପିଝିପି ବର୍ଷାରେ ଭିଜିଗଲା ଖଳା ଓ ବିଲରେ ପଡିଥିବା ଧାନ। ଚଳିତ ବର୍ଷ ବିଳମ୍ବରେ ଧାନ ଚାଷ ହୋଇଥିଲା ତା ସାଙ୍ଗକୁ ଥୋଡ ବେଳେ ବୁଲବୁଲ ବାତ୍ୟାର ପ୍ରଭାବ ପରେ ରୋଗପୋକ ଆକ୍ରମଣ ଏତେ ଝଡଝଞ୍ଜା ପରେ ଯାହା କିଛି ରହିଥିଲା, ତାକୁ ବି ଦଇବ ସଇଲାନି। ପାଚିଲା ଧାନକୁ ଅମଳ କରିବାବେଳେ ମଧ୍ୟ ଏ ଅଦିନିଆ ବର୍ଷା ଦାଉ ସାଧିଲା ବୋଲି ଚାଷୀମାନେ କ୍ଷୋଭର ସହ କହିଛନ୍ତି। ଏଥର ଅମଳ ଅର୍ଦ୍ଧାଧିକ କମିଥିବାବେଳେ ଆରମ୍ଭ ହୋଇଥିବା ଝିପିଝିପି ବର୍ଷା ଯଦି ଦିନେ କି ଦୁଇଦିନ ପର୍ଯ୍ୟନ୍ତ ଲାଗି ରହେ, ତାହାହେଲେ ଚାଷୀର ଦୁଃଖ ଦ୍ୱିଗୁଣିତ ହୋଇଯିବ। ବର୍ଷ ତମାମ୍ ଲୁହ ଲୁହ ଢାଳି ସାରା ପରିବାର ସହ ମିଶି ଯେଉଁ ଧାନ ଫଳାଇଥିଲା, ସେହି ସୁନାର ଫସଲ ଅଦିନିଆ ବର୍ଷାର ପ୍ରଭାବରେ ଉଜୁଡିଯିବା ପୂର୍ବରୁ ତାହାକୁ ସୁରକ୍ଷିତ ରଖିବା ପାଇଁ ଲାଗି ପଡିଛି ଚାଷୀ ପରିବାର। ସ୍କୁଲରେ ପଢୁଥିବା ନିଜ କୋମଳମତି ଶିଶୁମାନେ ମଧ୍ୟ ଲାଗି ପଡିଛନ୍ତି। ଧାନ କଚଡା ବିଡାକୁ ସାଉଁଟିବାରେ ୧୦/୧୧ ବର୍ଷର ସ୍କୁଲ ଯାଉଥିବା ଝିଅପିଲା ବି ବଡ ଲୋକଙ୍କ ଭଳି ଧାନଭାର ମୁଣ୍ଡାଇ ବିଲରେ ଚାଲୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ୧୦ ବିଡା କଚଡା (ପାଚିଲା ଧାନ ବିଡା) ହେଲେ ବି ବାପା ମାଆଙ୍କୁ ସାହାଯ୍ୟ କରିବାକୁ ଯାଇ ଏହି ପିଲାମାନେ ଧାନଭାର କାନ୍ଧରେ ରଖି କାଦୁଅ ବିଲରେ ଯାଉଛନ୍ତି।

## ଆଦାନୀ ଧାମରା ପୋର୍ଟ ଭଲିବଲ ଟୁର୍ଣ୍ଣାମେଣ୍ଟ

# କରନପଲ୍ଲୀକୁ ହରାଇ ଅମରନଗର ବିଜୟୀ




ଧାମରା,(ପିଏନ): ଗ୍ରାମାଞ୍ଚଳରେ ଶିକ୍ଷା ସହିତ ଯୁବ ପ୍ରତିଭାମାନଙ୍କୁ ଖେଳକୁଦ ଏବଂ କ୍ରୀଡ଼ାକୁ ଅଧିକ ଆକୃଷ୍ଟ କରାଯିବା ପରିପ୍ରେକ୍ଷୀରେ ଆଦାନୀ ଧାମରା ପୋର୍ଟ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଉଅଛି । ଏହି କ୍ରମରେ ଗତ ୨୬ତାରିଖରେ ଦୋସିଙ୍ଗା ବଜାରଠାରେ ଦୁଇଦିନିଆ ଗ୍ରାମପଞ୍ଚାୟତ ସ୍ତରର ଦ୍ୱାଦଶ ଭଲିବଲ ଟୁର୍ଣ୍ଣାମେଣ୍ଟ ସମାପ୍ତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଧାମରା ବନ୍ଦର ପାର୍ଶ୍ୱବର୍ତ୍ତୀ ୮ ଟି ଗ୍ରାମପଞ୍ଚାୟତର ୧୦ ଟି ଦଳ ଭାଗ ନେଇଥିଲେ । ଏହି ଦୁଇ ଦିନିଆ ଟୁର୍ଣ୍ଣାମେଣ୍ଟରେ ଦୋସିଙ୍ଗା ଗ୍ରାମପଞ୍ଚାୟତର ଅମରନଗର ଦଳ କରଣପଲ୍ଲୀ ପଞ୍ଚାୟତର କରଣପଲ୍ଲୀ ଦଳକୁ ୨୫:୨୧ସେଟ୍ ରେ ପରାସ୍ତ କରି ବିଜୟୀ ହୋଇଛି । ଉଭୟ ବିଜୟୀ ଏବଂ ରନର୍ସ ଅପ୍ ଦଳକୁ ଭଦ୍ରକ ଜିଲା କ୍ରୀଡ଼ା ଅଧିକାରୀ ମନୋଜ କୁମାର ଦାସ ପୁରସ୍କୃତ କରିଥିଲେ ।

ଏହି ଅବସରରେ ମନୋଜ ଦାସ ସ୍ଥାନୀୟ ଯୁବପ୍ରତିଭାମାନଙ୍କୁ ଆଗକୁ ଆସି ବିଭିନ୍ନ କ୍ରୀଡ଼ାରେ ଭାଗ ନେଇ ନିଜ ପଞ୍ଚାୟତ, ଜିଲା ଏବଂ ରାଜ୍ୟ ପାଇଁ ଗୌରବ ଆଣିବାକୁ ପ୍ରୋତ୍ସାହିତ କରିଥିଲେ । ଆଗାମୀ ଦିନରେ ଏହିପରି ଅନେକ କ୍ରୀଡ଼ା ତଥା ଖେଳକୁଦ ପ୍ରଦର୍ଶନ ଜିଲାରେ ଜାରି ରହିବ ବୋଲି ସେ କହିଥିଲେ । ଦୀର୍ଘ ଦଶନ୍ଧି ଧରି ଆଦାନୀ ଡିପିସିଏଲ ଦ୍ୱାରା ଆୟୋଜିତ ହୋଇଆସୁଥିବା ଏହି ଟୁର୍ଣ୍ଣାମେଣ୍ଟକୁ ପଞ୍ଚାୟତ ସମିତି ସଦସ୍ୟମାନେ ଉଚ୍ଚ ପ୍ରଶଂସା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଦୀପଙ୍କ ନାମରେ ମାମଲା ରୁଜୁ କରାଯାଇ ରାଜନୀତି କରାଯାଉଛି-ନିରଞ୍ଜନ

ନବରଙ୍ଗପୁର, (ରିଏନ)- ଗତକାଲି ବନ୍ଦ ପାଳନ ବେଳେ ହିଂସାକାଣ୍ଡ ତଥା କାର୍ ଜାଳିବା ଘଟଣାରେ ହିଂସାକୁ ଉସୁକାଇବା ନେଇ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝିଙ୍କ ସମେତ ମୋଟ୍ ୧୫ ଜଣଙ୍କ ନାମରେ ନିଜ ତରଫରୁ ଏତଲା କରିଛି ନବରଙ୍ଗପୁର ପୋଲିସ । ଟାଉନ୍ ଥାନାରେ ଏନେଇ ଏତଲା ପରେ ପୋଲିସ ମାମଲା ରୁଜୁ କରି ଛାନଭିନ୍ ଚଳାଇଛି । ଦଫା ୧୪୭, ୩୪୧, ୩୫୩, ୨୮୩, ୫୦୬, ୪୩୫, ୧୨୦ (ଖ) ଏବଂ (୩) ପିଡ଼ିପିପି ଦଫାରେ ମାମଲା ରୁଜୁ ହୋଇଛି । ଏହି ଘଟଣାରେ ଆହୁରି ଅଧିକ ଲୋକଙ୍କ ନାମରେ ମାମଲା ରୁଜୁ ହୋଇପାରେ ବୋଲି ପୋଲିସ କହିଛି ।

ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୧୪ ତାରିଖରେ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ଗୁମଣ୍ଡଲୀ ଗ୍ରାମର ବହୁଚର୍ଚ୍ଚିତ ନାବାଳିକା ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ଅଦ୍ୟାବଧି ପୋଲିସ ଗିରଫ କରିବାରେ ବିଫଳ ହୋଇଥିବାରୁ ଏହାର ପ୍ରତିବାଦରେ ଗତକାଲି ଜିଲ୍ଲା ବ୍ୟାପୀ ୧୨ ଘଂଟିଆ ବନ୍ଦ ପାଳନ କରାଯାଇଥିଲା । ଗତକାଲି ଶ୍ରୀ ମାଝୀ ଗଣମାଧ୍ୟମକୁ ସୂଚନାଦେଇ କହିଥିଲେ ଯେ, ରାଜ୍ୟରେ ମା' ଭଉଣୀ ମାନଙ୍କ ଉପରେ ଦୁଷ୍କର୍ମ ଘଟଣା ମାନ ବଢିବାରେ ଲାଗିଛି । ରାଜ୍ୟର ବିଜେଡି ସରକାର କୌଣସି ପଦକ୍ଷେପ ନେଉ ନାହିଁ। କଂଗ୍ରେସ ଗାନ୍ଧିନୀତି ନେଇ କାମ କରିବାରୁ ବିଜେଡି ସରକାର ଶୁଣୁ ନାହିଁ । ଏଣିକି ସୁବାଷ ବୋଷଙ୍କର ଆଦର୍ଶରେ ଅନୁପ୍ରାଣୀତ ହୋଇ ନ୍ୟାୟ ପାଇଁ ହିଂସା କରାଯିବ ବୋଲି ଚେତାବନୀ ଦେଇଥିଲେ । ତାଙ୍କର ଏହି ବୟାନ ପରେ ବିବାଦୀୟ ହୋଇପଡିଥିଲା ।

ଏନେଇ କଂଗ୍ରେସର ବରିଷ୍ଠ ନେତା ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, କଂଗ୍ରେସ ଦଳ କେବେ ହେଲେ ହିଂସାର ଆଶ୍ରୟ ନିଏ ନାହିଁ । ଏହା ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ। ପ୍ରଦୀପଙ୍କ ବୟାନ ତାଙ୍କର ବ୍ୟକ୍ତିଗତ । କଂଗ୍ରେସ ଦଳର ନୁହେଁ । ଏଭଳି ମନ୍ତବ୍ୟ କଂଗ୍ରେସ ଦଳ ପାଇଁ କ୍ଷୋଭର କଥା, ଏଭଳି ମନ୍ତବ୍ୟକୁ ମୁଁ ନିନ୍ଦା କରୁଛି । ସେହିପରି ପ୍ରଦୀପ ମାଝିଙ୍କ ଏଭଳି ବିବାଦୀୟ ବୟାନ ଉପରେ ନିଜର ପ୍ରତିକ୍ରିୟା ରଖି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ସେ ଭାବ ବିହ୍ୱଳ ହୋଇ ଯାହା କହିଛନ୍ତି, ତାହା ଅତ୍ୟନ୍ତ ଦୁଃଖର କଥା । ପିସିସି ସଭାପତି ଭାବେ ମୁଁ ସେଥିପାଇଁ ଦୁଃଖ ପ୍ରକାଶ କରୁଛି । ଆମେ ଗାନ୍ଧିଜୀଙ୍କ ଅହିଂସା ନୀତିରେ ବିଶ୍ୱାସ କରୁ । ଏହା ବ୍ୟତୀତ ପ୍ରଦୀପଙ୍କ ନାମରେ ଟାଉନ୍ ଥାନାରେ ଏତଲା ଉପରେ ନିଜର ପ୍ରତିକ୍ରିୟା ରଖି ନିରଞ୍ଜନ କହିଛନ୍ତି ଯେ, ପ୍ରଦୀପ ନାମରେ ମାମଲା ରୁଜୁ କରାଯାଇ ରାଜନୀତି କରାଯାଉଛି ।




# ପିଲାଙ୍କ ରକ୍ତ ଶିକୁଳି ରୋଗ



ମଣିଷ ଶରୀରରେ ସାଧାରଣତଃ ଅନିୟମିତ ବୃଦ୍ଧିକୁ ଡାକ୍ତରୀ ଭାଷାରେ କୁହାଯାଏ। ପ୍ରାଥମିକ ସମୟରେ ଏହାକୁ ନଜାଣି ଶରୀରରେ ଅତ୍ୟନ୍ତ ବିପଦଜନକ ପରିସ୍ଥିତି ସୃଷ୍ଟି ଲୋହିତ ରକ୍ତ କଣିକା ଗୁଡ଼ିକ ଗୋଲ ବା ଲୋହିତ ରକ୍ତ କଣିକା ଅର୍ଦ୍ଧ ଚନ୍ଦ୍ରାକାର କଣିକା ଅଧିକ ପରିମାଣର ଲୌହସାର ଯୁକ୍ତ କାର୍ଯ୍ୟ କରିବା ପରି ଫୁସ୍‌ଫୁସ୍‌ରୁ ସମଗ୍ର ଅଭ୍ୟନ୍ତରରେ ଥିବା ଲୋହିତ ରକ୍ତ କଣିକାର ସିକଲସେଲ ଆନାମିଆ ବା ରକ୍ତ ଶିକୁଳି ପାରିବା ବା ଅବହେଳା କରିବା ଦ୍ୱାରା ଏହା କରେ। ସାଧାରଣତଃ ମଣିଷ ଶରୀରରେ ଥିବା ଚକ୍ରାକାର ହୋଇଥିବାବେଳେ ଏଥିରେ କିନ୍ତୁ ପରି ସୃଷ୍ଟି ହୋଇଥାଏ। ଲୋହିତ ରକ୍ତ କଣିକାରେ ହେମୋଗ୍ଲୋବିନ ଥାଏ ଏହା ଏକ ଭାରବାହୀ ଶରୀରରେ ଅମ୍ଳଜାନ ପରିବହନ କରିଥାଏ। ରକ୍ତ ଶିକୁଳି ରୋଗଟି ଲୋହିତ ରକ୍ତ କଣିକାର ହେମୋଗ୍ଲୋବିନ ଧାରଣା କ୍ଷମତାକୁ ନଷ୍ଟ କରିଦେଇଥାଏ ଯାହାଦ୍ୱାରା ଶରୀରରେ ରକ୍ତ ଅଭାବ ସୃଷ୍ଟି ହୋଇ ମୃତ୍ୟୁମୁଖରେ ପଡ଼ିବା ସାର ହୋଇଥାଏ। ସଚେତନତାର ଅଭାବ, ଅପପୁଷ୍ଟିର ଶିକାର, କମ ବିଶ୍ରାମ, ଅଧିକ ପ୍ରଜନନ ଓ ସଠିକ ବିଶ୍ରାମ ଆଦି ବିଭିନ୍ନ କାରଣରୁ ଆଦିବାସୀ ମହିଳାମାନେ ଏହି ରୋଗକୁ ଅଧିକ ଭାବରେ ସାମ୍ନା କରିଥାନ୍ତି। ୧୯୫୨ ମସିହାରେ ଏହି ରୋଗର ଜିନ୍ ଭାରତର ତାମିଲନାଡୁସ୍ଥିତ ନୀଳଗିରି ପାର୍ବତ୍ୟାଞ୍ଚଳରେ ତା ପାର୍ଦୁଭାବ ଦେଖାଇଥିଲା। ସାଧାରଣତଃ ପ୍ରଶ୍ନ ଉଠିଥାଏ ରକ୍ତ ଶିକୁଳି ସମସ୍ୟାକୁ କିପରି ପିଲାଙ୍କ ଠାରେ ଜାଣି ହେବ ? ପିଲାଙ୍କ ଠାରେ ଜଣ୍ଡିସର ଅନେକ ପ୍ରାଥମିକ ଲକ୍ଷଣ ଏହି ସିକ୍‌ଲସେଲ ଆନିମିଆର ହିଁ ସମ୍ଭାବନା ଯାହାଦ୍ୱାରା ପିଲାଟିର ଶରୀରରେ ଲୋହିତ ରକ୍ତ କଣିକା ପ୍ରଭାବିତ ହୋଇ ପିଲାଟିର କେବଳ ଆଖି ନୁହଁ ଚର୍ମ ମଧ୍ୟ ଏକ ପ୍ରକାର ହଳଦିଆ ଦେଖାଯାଏ। ଏହା ସହ ହାତ, ଗୋଡ଼, ପେଟ, ଛାତି ଓ ଶରୀରର ଅନ୍ୟ ଅଭ୍ୟନ୍ତର ସ୍ଥାନରେ ପିଲାଟି ଅସହ୍ୟ ଯନ୍ତ୍ରଣାକୁ ସାମ୍ନା କରି ଛଟପଟ ହୁଏ। ତାର ଯେଉଁ ଅଙ୍ଗରେ ରକ୍ତ ଶିକୁଳିର ପ୍ରଦାହ ଦେଖାଯାଏ ସେହି ସ୍ଥାନକୁ ରକ୍ତ ସଞ୍ଚାର ବନ୍ଦ ହୋଇଯାଇଥିବାରୁ ଯନ୍ତ୍ରଣା ସେହିଠାରୁ ହିଁ ଶରୀରର ଭିତର ଆଡ଼କୁ ଏକ ପ୍ରକାର ମାଡ଼ି ଆସେ। ପିଲାଟି କ୍ଳାନ୍ତସ୍ଳାନ୍ତ ହୋଇଯାଏ ଓ କେତେକ କ୍ଷେତ୍ରରେ ଏହି ଯନ୍ତ୍ରଣା ସମୟରେ ପିଲାଟିକୁ ନିମୋନିଆ ଗ୍ରାସ କରିଥାଏ। ଏହାସହ ଜ୍ୱର, କଫ ଓ ଶ୍ୱାସନଳୀ ପରି ସମସ୍ୟାକୁ ମଧ୍ୟ ପିଲାଟି ସାମ୍ନା କରେ। ରକ୍ତ ଶିକୁଳି ରୋଗଟି ପିଲାମାନଙ୍କର ପ୍ରାଥମିକ କ୍ଷେତ୍ରରେ ଦେଖାଯାଏ ଏହା ଏକ ପ୍ରକାର ଆନୁବଂଶିକ ରୋଗ। କେବଳ ବାପା ବା ମାଆ ନୁହଁନ୍ତି ପରିବାର କୌଣସି ଲୋକର ଏହି ସମସ୍ୟା ଥିଲେ ପରବର୍ତ୍ତୀ ପିଢ଼ୀ ସ୍ୱାଭାବିକ ଭାବେ ଏହାକୁ ସାମ୍ନା କରିଥାନ୍ତି। ପ୍ରାଥମିକ ଭାବେ ଶିଶୁ ରୋଗ ବିଶେଷଜ୍ଞଙ୍କ ତୁରନ୍ତ ପରାମର୍ଶ ନେବା ଜରୁରୀ। ରାଜ୍ୟ ସରକାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ଠାରୁ ବଡ଼ ମେଡ଼ିକାଲ ଓ ଶିଶୁଭବନ ସବୁଠାରେ ଏହାର ପରାମର୍ଶ ଓ ନିଦାନ ପାଇଁ ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି କରିଛନ୍ତି। ପ୍ରଥମେ ଡାକ୍ତରଙ୍କ ପରାମର୍ଶ ନେଇ ପିଲାଟିର ରକ୍ତ ପରୀକ୍ଷା ଦ୍ୱାରା ଶରୀରରେ ହେମୋଗ୍ଲୋବିନର ମାତ୍ରା, ପରିସ୍ଥିତି ଓ ବିଷାକ୍ତ ତତ୍ତ୍ୱ ନେଇ ତଥ୍ୟ ଜଣାପଡ଼ିଥାଏ। ଆବଶ୍ୟକସ୍ଥଳେ ପିଲାଟିକୁ ଶରୀରରେ ହେମୋଗ୍ଲୋବିନର ପର୍ଯ୍ୟାପ୍ତ ମାତ୍ରା ଭାରସାମ୍ୟ ରକ୍ଷା କରିବା ପାଇଁ ରକ୍ତ ଦେବାକୁ ପଡ଼ିଥାଏ। ତେବେ ଏପରି ପରିସ୍ଥିତିରେ ପିଲାଟି ଯେପରି ଶରୀରରେ ଡିହାଇଡ୍ରେସନ ଓ ଅମ୍ଳଜାନ ଅଭାବର ସମସ୍ୟାକୁ ସାମ୍ନା ନକରେ ସେ ଦିଗକୁ ଦୃଷ୍ଟି ଦେବା ଜରୁରୀ। ଡାକ୍ତରଙ୍କ ପରାମର୍ଶ ନେଇ ପିଲାଟିକୁ ଫୁଟା ଯାଇଥିବା ବିଶୋଦ୍ଧିତ ପର୍ଯ୍ୟାପ୍ତ ପାଣି ଦିଅନ୍ତୁ। କେତେକ ପିଲାଙ୍କ କ୍ଷେତ୍ରରେ ଏହି ଚିକିତ୍ସା ଆରମ୍ଭ ହୋଇଥିବାବେଳେ ପରିପାର୍ଶ୍ୱିକ ଯନ୍ତ୍ରଣା ଓ ଶରୀରର ଅନ୍ୟ ଅଙ୍ଗକୁ ସଂକ୍ରମଣ ଓ ଷ୍ଟ୍ରୋକର ଭୟ ରହିଥାଏ। ତେବେ ଏ ନେଇ ଭୟଭୀତ ହେବାର କିଛି କାରଣ ନାହିଁ। ସାଧାରଣତଃ ରକ୍ତ ଶିକୁଳି ପରି ଏକ ଯନ୍ତ୍ରଣାଦାୟକ ଓ ଚିନ୍ତାଜନକ ମାରାତ୍ମକ ବିଶେଷ କରି ଶିଶୁରୋଗ ପାଇଁ ଓଡ଼ିଶା ସରକାର ଅନେକ ସ୍ୱାସ୍ଥ୍ୟଭିତ୍ତିକ ଯୋଜନା ହାତକୁ ନେଇଛନ୍ତି। ମାତୃଗର୍ଭରୁ ପିଲାଟିକୁ କୁପୋଷଣ ଓ ରକ୍ତହୀନତାରୁ ଦୂରେଇବା ପାଇଁ ଗର୍ଭବତୀ ମାଆଙ୍କୁ ପୁଷ୍ଟିକର ଖାଦ୍ୟ, ମାଗଣା ସ୍ୱାସ୍ଥ୍ୟପରାମର୍ଶ ଓ ପ୍ରୋତ୍ସାହନ, ବିଭିନ୍ନ ଟୀକାକରଣ ଓ ସରକାରୀ ଡାକ୍ତରଖାନାରେ ନିରାପଦ ପ୍ରସବ ପାଇଁ ଯୋଜନା ହାତକୁ ନେଇଛନ୍ତି। ସେହିପରି ରାଜ୍ୟର ସମସ୍ତ ଡାକ୍ତରଖାନାରେ ଶିଶୁରୋଗ ବିଶେଷଜ୍ଞମାନେ ଏହି ରୋଗର ଚିକିତ୍ସା ନିରାକରଣ ଓ ସଚେତନତା ପାଇଁ ଅନେକ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ସରକାରୀ ଡାକ୍ତରଖାନାରେ ମାଗଣା ଡାକ୍ତରୀ ପରାମର୍ଶ ସହ ମାଗଣା ପରୀକ୍ଷା, ନିରୀକ୍ଷା ଓ ଔଷଧ ବଣ୍ଟନ ସହ ଆବଶ୍ୟକସ୍ଥଳେ ବିନା ମୂଲ୍ୟରେ ରକ୍ତ ଭଣ୍ଡାରରୁ ଲୋଡ଼ା ପଡୁଥିବା ପିଲାମାନଙ୍କ ପାଇଁ ରକ୍ତ ମଧ୍ୟ ପ୍ରଦାନ କରାଯାଉଛି। ଏହାର ସୁଯୋଗ ନେବା ଜରୁରୀ। କାହାକଥା ଶୁଣି କୌଣସି ହାତ ଚିକିତ୍ସା ବା ଘରୋଇ ଚିକିତ୍ସା ପିଲଟି ଠାରେ ପ୍ରୟୋଗ କରନ୍ତୁ ନାହିଁ। ଗୁଣିଗାରେଡ଼ି ସହାୟତା ନେବା ତ ଦୂରର କଥା ପିଲାଟିର ଅଭିଭାବକମାନେ ଏହାକୁ ଚିନ୍ତା ଭିତରକୁ ଆଣନ୍ତୁ ନାହିଁ। ଡାକ୍ତରଙ୍କ ଉପରେ ବିଶ୍ୱାସ ଓ ଧୈର୍ଯ୍ୟ ରଖନ୍ତୁ। ସରକାରୀ ଡାକ୍ତରଖାନାରେ ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଚିକିତ୍ସା ଜାରି ରଖିବା ସହ ପିଲାଟିକୁ ଆଶ୍ୱାସନା ଦିଅନ୍ତୁ। ଭଗବାନ ସାମୟିକ ଭାବେ ଯେଉଁ କଷ୍ଟ ଦେଇଛନ୍ତି ବୋଲି ଭାବୁଛନ୍ତି ଦେଖିବେ ଖୁବ୍ ଶୀଘ୍ର ଏ ସବୁ ଦୂର ହୋଇଯିବ କିନ୍ତୁ ଆପଣଙ୍କ ଅଧୈର୍ଯ୍ୟ ଓ ଡାକ୍ତରଙ୍କ ଅବିଶ୍ୱାସ ବା କାହାର କାନକୁହା କଥା ପିଲାଟିର ପରିସ୍ଥିତିକୁ ବିଗାଡ଼ି ଦେଇପାରେ, ଏହାକୁ ଭୁଲନ୍ତୁ ନାହିଁ। ଦେଖିବେ ଆପଣଙ୍କ ପିଲାଟି ପୁଣି ଖୁସିରେ ଫାଟିପଡ଼ିବ ଆପଣଙ୍କ ଦୁଃଖର ସଂସାର ଭିତରେ ପୁଣି ସୁଖର ଢ଼େଉ ଫେରିଆସିବ।

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**, ସହକାରୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪

# ବିକାଶ କ୍ଷେତ୍ରରେ ଲୋକ ଭାଗିଦାରୀ ଅପରିହାର୍ଯ୍ୟ




ଭୁବନେଶ୍ୱର (ପିଏନ୍): ସହଭାଗୀ ବିକାଶ ମଞ୍ଚ ତରଫରୁ ଆଗାମୀ ପୌର ପରିଷଦ ନିର୍ବାଚନ ପାଇଁ ଏକ 'ନାଗରିକ ଘୋଷଣା ପତ୍ର' ପ୍ରସ୍ତୁତି ନିମନ୍ତେ ଏସ୍‌ଭିଏମ୍‌ର ଆବାହକ ସଚିକାନ୍ତ ପ୍ରଧାନଙ୍କ ଆବାହକତ୍ୱରେ ବୁଦ୍ଧମନ୍ଦିର ପରିସରରେ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳ ଗୁଡ଼ିକର ସାମଗ୍ରିକ ବିକାଶ ଏବଂ ସବୁବର୍ଗର ଲୋକଙ୍କ ପାଇଁ ସମାନ ସୁବିଧା ସୁଯୋଗ ପ୍ରଦାନ, ଗରିବ, ନିଃସହାୟ, ଭିକାରୀ, ଶ୍ରମିକ, ବାସହୀନମାନଙ୍କ ପାଇଁ ସର୍ବନିମ୍ନ ଆବଶ୍ୟକତା, ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ, ଜୀବିକା ଏବଂ ସୁରକ୍ଷାକୁ ସୁନିଶ୍ଚିତ କରିବା ଗୋଟିଏ ଜନମଙ୍ଗଳ ରାଷ୍ଟ୍ରର ପ୍ରାଥମିକ ଦାୟିତ୍ୱ। ୱାର୍ଡ଼ସ୍ତରରୁ ବିକାଶର କାର୍ଯ୍ୟଖସଡ଼ା, ଅର୍ଥ ବରାଦ ଏବଂ ତଦାରଖ ବ୍ୟବସ୍ଥା ଲାଗୁ କରିବା, 'ଏରିଆ ସଭା' ଏବଂ 'ୱାର୍ଡ଼ ସଭା' ଗଠନ, ସଶକ୍ତ ତଥା ଉତ୍ତରଦାୟୀ କରାଇବା। ୭୪ତମ ସମ୍ବିଧାନ ସଂଶୋଧନର ୧୨ତମ ଅନୁଚ୍ଛେଦ ଥିବା ସମସ୍ତ ୧୮ ଗୋଟି ବିଷୟକୁ ନଗର ପାଳିକାକୁ ହସ୍ତାନ୍ତର କରିବା, ୱାର୍ଡ଼ସ୍ତରରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରିବା ସହିତ ଏହାର ଗୁଣାତ୍ମକ ଦିଗ ପ୍ରତି ଦୃଷ୍ଟି ଦେବା, ବାସହୀନମାନଙ୍କ ପାଇଁ ଆବଶ୍ୟକ ଆଶ୍ରୟସ୍ଥଳୀ, ଶ୍ରମିକମାନଙ୍କ ପାଇଁ ଲେବର ଆଡ଼ା, ସ୍ୱତନ୍ତ୍ର ବସ୍ ଚଳାଚଳ, ସହରର ପ୍ରତି ଏକ କିଲୋମିଟର ବ୍ୟବଧାନରେ ଗୋଷ୍ଠୀ ଶୌଚାଳୟ ଏବଂ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରିବା, ସମସ୍ତ ବସ୍ତିବାସିନ୍ଦା, କିନ୍ନର, ଭିନ୍ନକ୍ଷମ, ଘରୋଇ ଶ୍ରମିକ, ଉଠାଦୋକାନୀମାନଙ୍କୁ ଜମି ଅଧିକାର ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା, ସରକାରୀ ଯୋଜନା ପାଇଁ ହିତାଧିକାରୀ ଚୟନ, ୱାର୍ଡ଼ ସଭା କିମ୍ବା ଏରିଆ ସଭା ଜରିଆରେ କରିବା, ପ୍ରତିମାସରେ ଅଭିଯୋଗ ଶୁଣାଣୀ ୱାର୍ଡ଼ସ୍ତରରେ କରାଯାଉ। ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମମାନଙ୍କର ଭତ୍ତା ୫ ହଜାର ଟଙ୍କାକୁ ବୃଦ୍ଧି କରିବା ଏବଂ ସର୍ବନିମ୍ନ ମଜୁରୀ ୬୫୦ଟଙ୍କାକୁ ବୃଦ୍ଧି କରିବା, ବିପର୍ଯ୍ୟୟ ମୁକାବିଲା ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବା ଏବଂ ସୁରକ୍ଷା ବ୍ୟବସ୍ଥା ଅଧିକ ଆଧୁନିକ ତଥା ସଶକ୍ତ କରିବା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ପୃଷ୍ଟି, ବରିଷ୍ଠ ସାମ୍ବାଦିକ ମହେଶ ଶର୍ମା, ସିଏସ୍‌ଏଏନର ଅଧ୍ୟକ୍ଷ ଧୀରେନ୍ଦ୍ର ପଣ୍ଡା, ସୁବାସ ପଣ୍ଡା, ଉଷାରାଣୀ ବେହେରା, ସଂଯୁକ୍ତା ଦାସ, ଦେବବ୍ରତ ପାତ୍ର, ସଦାଶିବ ସ୍ୱାଇଁ, ମନୋଜ ସ୍ୱାଇଁ, ଧୀରେନ୍ଦ୍ର ସ୍ୱାଇଁ, ଅଖଣ୍ଡ, ଜ୍ୟୋତ୍ସ୍ନା ଦାସ ଏବଂ ବିଭିନ୍ନ ସାହି ବା ନାଗରିକ ଫୋରମର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସିପାର ପ୍ରୋଜେକ୍ଟ ମ୍ୟାନେଜର ରୋଜାଲିନୀ ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଏବଂ ଭୁବନେଶ୍ୱର ବସ୍ତି ଉନ୍ନୟନ ପରିଷଦର ସଭାନେତ୍ରୀ ରଞ୍ଜୁଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତ୍ୟୁଂ ଅବଲୋପୟ...



ଆତ୍ମହତ୍ୟା ଏକ ସାମାଜିକ ଓ ମାନସିକ ସମସ୍ୟା ହେବା ସହ ଆଇନ ଅନୁଯାୟୀ ଏକ ଅପରାଧ। ଏହି ଅପରାଧ ପାଇଁ ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ଦଣ୍ଡର ବ୍ୟବସ୍ଥା ରହିଛି। ଏହା ହେଲା ଆଇନଗତ ଦିଗ। ତେବେ ଧର୍ମଦିଗ ଦେଇ ମଧ୍ୟ ଆତ୍ମହତ୍ୟା ଏକ ଅପରାଧ, ମହାପାପ। ବିଭିନ୍ନ ମତାବଲମ୍ବୀ ବ୍ୟକ୍ତିମାନେ ଆତ୍ମହତ୍ୟାକୁ ନେଇ ବିଭିନ୍ନ ପ୍ରକାର ମତବ୍ୟକ୍ତ କରନ୍ତି। ଇହୁଦିମାନେ ଆତ୍ମହତ୍ୟାକୁ ଘୃଣା କରନ୍ତି। ଇହୁଦି କବରସ୍ଥାନରେ ଆତ୍ମହତ୍ୟା କରିଥିବା ବ୍ୟକ୍ତିମାନଙ୍କୁ ଅଲଗା କବର ଦିଆଯାଏ। ସେମାନଙ୍କ ପାଇଁ ଶୋକ ପାଳନରେ ଅନେକ ଧାର୍ମିକ ରୀତିନୀତି ପାଳନ କରାଯାଏ ନାହିଁ। ଇହୁଦୀମାନେ ଆତ୍ମହତ୍ୟାକୁ କୌଣସି ମତେ ସ୍ୱୀକାର କରନ୍ତି ନାହିଁ। ଆତ୍ମହତ୍ୟା ପାଇଁ ସହଯୋଗ ମାଗିବା ଏବଂ ସହଯୋଗଦେବା ମଧ୍ୟ ମହାପାପ। ରୋମାନ କ୍ୟାଥଲିକ୍ ଖ୍ରୀଷ୍ଟିୟ ମାନ୍ୟତା ଅନୁଯାୟୀ ଆତ୍ମହତ୍ୟା ମହାପାପ। କାରଣ ଏହା ଖ୍ରୀଷ୍ଟଧର୍ମର ମୂଳନୀତିକୁ ବିରୋଧ କରେ। ତେବେ ସେମାନେ ଏହି ପାପର ବିଚାର ଈଶ୍ୱର କରିବେ ବୋଲି ମତ ଦିଅନ୍ତି। ତେଣୁ ଆତ୍ମହତ୍ୟା କରିଥିବା ବ୍ୟକ୍ତି ପାଇଁ ଚର୍ଚ୍ଚରେ ଶୋକ ପ୍ରାର୍ଥନା ଅନୁଷ୍ଠିତ ହୁଏ। ପୂର୍ବେ ରକ୍ଷଣଶୀଳ କ୍ୟାଥଲିକ୍ ଚର୍ଚ୍ଚ ଗୁଡ଼ିକ ଆତ୍ମହତ୍ୟା କରୁଥିବା ବ୍ୟକ୍ତିଙ୍କୁ କବର ଦେବା ଏବଂ ସେମାନଙ୍କୁ ଶୋକ ପ୍ରାର୍ଥନା ପାଇଁ ବାରଣ କରୁଥିଲେ କିନ୍ତୁ ଏବେ ଏଥିରେ ପରିବର୍ତ୍ତନ ଆସିଛି। ପ୍ରୋଟେଷ୍ଟାଣ୍ଟ ଖ୍ରୀଷ୍ଟିୟ ମାନ୍ୟତା ଅନୁଯାୟୀ - ଆତ୍ମହତ୍ୟା କରୁଥିବା ବ୍ୟକ୍ତି ଈଶ୍ୱରଙ୍କ ଉପହାରକୁ ଗ୍ରହଣ କରିପାରେ ନାହିଁ। ଏହି ମାନ୍ୟତା ଅନୁଯାୟୀ ଆତ୍ମହତ୍ୟା ଅକ୍ଷମଣୀୟ ପାପ ନୁହେଁ ବରଂ ଈଶ୍ୱର ଦେଉଥିବା ଉପହାରକୁ ଅସ୍ୱୀକାର କରିବା ହିଁ ପାପ। ଇସ୍‌ଲାମ ଧର୍ମ ଅନୁଯାୟୀ ଆତ୍ମହତ୍ୟା ମହାପାପ ମଧ୍ୟରୁ ଅନ୍ୟତମ। ଏହା ମନୁଷ୍ୟର ଆଧ୍ୟାତ୍ମିକ ଯାତ୍ରା କ୍ଷେତ୍ରରେ ପ୍ରତିବନ୍ଧକ। ମହାପୁରୁଷ ମହମ୍ମଦଙ୍କ ଉପଦେଶ ଅନୁଯାୟୀ ଯେଉଁ ବ୍ୟକ୍ତି ଆତ୍ମହତ୍ୟା ପାଇଁ ଯେଉଁ ରାସ୍ତା ବାଛିଥାଏ, ମୃତ୍ୟୁ ପରେ ତାକୁ ସେହି ଦଣ୍ଡ ଦିଆଯାଏ। ହିନ୍ଦୁଧର୍ମରେ ଆତ୍ମହତ୍ୟା ଗ୍ରହଣୀୟ ନୁହେଁ। ଏହା ଅହିଂସାର ବିରୁଦ୍ଧାଚରଣ। ଏହା ହତ୍ୟା ସମକକ୍ଷ ପାପ। ଆତ୍ମହତ୍ୟା କରୁଥିବା ବ୍ୟକ୍ତିର ଆତ୍ମା ସବୁବେଳେ ଅସନ୍ତୁଷ୍ଟ ରହି ପ୍ରେତ ଭାବରେ ବୁଲୁଥାଏ। ଜୈନଧର୍ମରେ ଆତ୍ମହତ୍ୟାକୁ ସବୁଠାରୁ ଭୟଙ୍କର ହିଂସା ଭାବରେ ଅଭିହିତ କରାଯାଇଛି। ଏହା ଜୈନଧର୍ମର ମୂଳନୀତି ଅହିଂସାର ବିରୁଦ୍ଧାଚରଣ। ବୌଦ୍ଧଧର୍ମ ଅହିଂସା ଉପରେ ପର୍ଯ୍ୟବେସିତ। ତେଣୁ ଆତ୍ମହତ୍ୟା କରିବା ବୌଦ୍ଧଧର୍ମରେ ଗ୍ରହଣୀୟ ନୁହେଁ। ଏହା ଜ୍ଞାନ ପ୍ରାପ୍ତିର ପ୍ରତିବନ୍ଧକ ବୋଲି ବୌଦ୍ଧଧର୍ମ କୁହେ। ପରମ ଦୟାମୟ ବିଶ୍ୱସ୍ରଷ୍ଟା ଯେତେବେଳେ ନରରୂପ ପରିଗ୍ରହଣ କରି ଏହି ଧରାଧାମରେ ଅବତୀର୍ଣ୍ଣ ହୁଅନ୍ତି, ତାଙ୍କର ଅଭିଯାନ ହୁଏ ମୃତ୍ୟୁ ଓ ଅବିନାଶ ବିରୁଦ୍ଧରେ। ତାଙ୍କର ରଥଚକ୍ର ନିଷ୍ପେସଣରେ ସଇତାନର ହାଡ଼ ଭାଙ୍ଗି ଗୁଣ୍ଡ ହୋଇଯାଏ। ଶେଷରେ ପ୍ରଭୁ ଜୟଯୁକ୍ତ ହୁଅନ୍ତି। ବଜ୍ରନିନାଦ କଣ୍ଠରେ କଳିଯୁଗର ଯୁଗାବତାର ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଉଦ୍‌ଘୋଷଣା କଲେ - ମା ମ୍ରିୟସ୍ୱ, ମା ଯହି, ଶକ୍ୟତେ୍ ଚେତ୍ ମୃତ୍ୟୁଂ ଅବଲୋପୟ - ମର ନା, ମାର ନା, ଯଦି ପାର ମୃତ୍ୟୁକୁ ଅବଲୁପ୍ତ କର। ପୂର୍ବତନ ପ୍ରେରିତ ଅବତାର ପୁରୁଷମାନେ ମଧ୍ୟ ଏହି ଭାବରେ ଏକ ତଥ୍ୟ ପରିବେଷଣ କରିଛନ୍ତି। ଜନ୍ମମୃତ୍ୟୁର ରହସ୍ୟ ଭେଦକରି ପରବ୍ରହ୍ମ କୁଳମାଲିକ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ, ଜନ୍ମେ ପୁଣି ସେଭଳି ସ୍ଥାନେ ସେହି ଭାବର ପଥ ପାଏ ଯେବେ। ମୃତ୍ୟୁ ସମୟରେ ମନୁଷ୍ୟ ଏକ ଭାବ ବା ଚିନ୍ତା ଭିତରେ ଲୟ ହୋଇଯାଏ। ଏହି ଭାବ ବା ଚିନ୍ତା ଭିତରେ ତାର ସବୁକିଛି ଗଭୀରତର ଛାପ ଓ ଝୁଙ୍କ୍ ବା ଆଗ୍ରହ ଏକାଗ୍ର ହୋଇରହେ। କୌଣସି ଦମ୍ପତିର ମିଳନ ସମୟରେ ଏହି ଭାବର ସଂଗତି ଯେଉଁଠାରେ ସୃଷ୍ଟି ହୁଏ ସେହିଠାରେ ତାର ଆସିବା ସମ୍ଭବ ହୁଏ। ଯେଉଁ ଭାବ ବା ଭାବଦେହ ନେଇ ଆମ୍ଭେମାନେ ବିଗତ ହେଉ ସେହି ଭାବ ବା ଭାବଦେହର ସଂଗତି ଯେଉଁଠାରେ ସୃଷ୍ଟି ହୁଏ ସେହିଠାରେ ହିଁ ପୁନରାବିର୍ଭାବ ହୁଏ। ଭାବ ଦେହଟା ଏତେ ସୂକ୍ଷ୍ମ ଯେ ଏହା ଯେକୌଣସି ସ୍ଥାନରେ ବା ଯେକୌଣସି ମୁହୂର୍ତ୍ତରେ ପ୍ରବେଶ କରିପାରେ। ପ୍ରକୃତପକ୍ଷରେ ଏହି ଭାବଦେହ ଓ ପିତାମାତାଙ୍କ ଠାରୁ ପ୍ରାପ୍ତ ଦେହ ସମାନ। ତୁମେ ଓ ତୁମର ଫଟୋ ଯେଭଳି ଅଲଗା ନୁହେଁ ଏହା ମଧ୍ୟ ସେହିଭଳି। ଆତ୍ମହତ୍ୟାର ଯେଉଁ ବିକଟ ରୂପ ଓ ଚିନ୍ତାଧାରା ନେଇ ଯେଉଁମାନେ ଏହି ଗର୍ହିତ କର୍ମ କରନ୍ତି ସେହି ଭାବ ଜନ୍ମ ଜନ୍ମାନ୍ତର ଧରି ତାଙ୍କ ପାଖରେ ରହିଥାଏ। ଏହି କାଳଚକ୍ରରୁ ମୁକ୍ତି ପାଇବା ପାଇଁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଉଦ୍‌ଘୋଷଣା କଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କ ହୁକୁମ ପାଇଲେ ଆନନ୍ଦ, ତାଙ୍କ ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଛୁଳି ଉଠେ - ମୁଁ ନିଶ୍ଚୟ କହୁଛି ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**, ସହପ୍ରତିଋତ୍ୱିକ, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ବଡ଼ମେଡ଼ିକାଲ, କଟକ, ଦୂରଭାଷ : ୯୪୩୭୦୫୧୯୫୭


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email maharishipublicschool@yahoo.com
Web www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଆବିର୍ଭାବ ମହୋତ୍ସବ



କଟକ (ପିଏନ୍): ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଆର୍ବିଭାବ ମହୋତ୍ସବ ରେଲୱେ ଇନ୍‌ଷ୍ଟିଚ୍ୟୁଟ କଟକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶ୍ରୀ ଶ୍ରୀ ଠାକୁରଙ୍କ ପୌତ୍ର ମହାମହିମ ପୂଜ୍ୟପାଦ ବିଦ୍ୟୁତ୍ ରଞ୍ଜନ ଚକ୍ରବର୍ତ୍ତୀ ଓ ପୂଜ୍ୟପାଦ ଡଃ ବୁଦ୍ଧଦେବ ଚକ୍ରବର୍ତ୍ତୀ ମହୋଦୟ ମୁଖ୍ୟ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟୁଷରୁ ଉଷା କୀର୍ତ୍ତନ, ନଗର ପରିକ୍ରମା, ସମବେତ ପ୍ରାର୍ଥନା ଓ ଆର୍ଯ୍ୟକୃଷ୍ଟି ପତାକା ଉତ୍ତୋଳନ ହୋଇଥିଲା। ସହ ପ୍ରତିଋତ୍ୱିକ ପରେଶ ଚନ୍ଦ୍ର ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ବୋଧବିକ୍ଷଣୀ ସଭାରେ 'ଆଦର୍ଶକେନ୍ଦ୍ରିକ ଜୀବନ - ସମାଜର ତ୍ରାଣକର୍ତ୍ତା' ଓ ମାତୃସମ୍ମିଳନୀରେ 'ମାତୃଶକ୍ତି - ସମାଜର ରକ୍ଷା କବଚ' ଶୀର୍ଷକ ପ୍ରସଙ୍ଗରେ ସତ୍‌ସଙ୍ଗ ଆଲୋଚନା ହୋଇଥିଲା। ନଗର କୀର୍ତ୍ତନ, ଆହ୍ୱାନୀ ସହ ସମବେତ ପ୍ରାର୍ଥନା ଓ ସାନ୍ଧ୍ୟ ଅଧିବେଶନରେ 'ତ୍ୱମାଦିଦେବଃ ପୁରୁଷଃ ପୁରାଣଃ..' ଶୀର୍ଷକ ଆଲୋଚ୍ୟ ପ୍ରସଙ୍ଗରେ ମାର୍ଗଦର୍ଶନ ପୂର୍ବକ ଆଶୀର୍ବାଦ ପ୍ରଦାନ କରିଥିଲେ ପୂଜ୍ୟପାଦ ଡଃ.ବୁଦ୍ଧଦେବ ଚକ୍ରବର୍ତ୍ତୀ। ଶ୍ରୀ ରାମ, ଶ୍ରୀ କୃଷ୍ଣ, ଶ୍ରୀ ବୁଦ୍ଧ, ଶ୍ରୀ ଯୀଶୁ, ଶ୍ରୀ ମହମ୍ମଦ, ଶ୍ରୀ ଚୈତନ୍ୟ, ଶ୍ରୀରାମ-କୃଷ୍ଣ ଓ କଳିଯୁଗର ଶେଷ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉପରେ ବିଶେଷ ଆଲୋଚନାରେ ମତପ୍ରକାଶ ପାଇଥିଲା - ସମସ୍ତ ଅବତାର ପୁରୁଷମାନେ ଏକ ଓ ମାନବଧର୍ମର ପ୍ରଚାରକ। ଏମାନେ ଭିତରେ ବିଭେଦ କରିବା ଅତ୍ୟନ୍ତ ଗର୍ହିତ ଓ ଅମାନୁଷିକ କାର୍ଯ୍ୟ। ସଭ୍ୟ ସମାଜରେ ଏହାକୁ ବରଦାସ୍ତ କରାଯାଇପାରିବ ନାହିଁ। ପ୍ରାରମ୍ଭିକ ଅଧିବେଶନ ଦିବସରେ ଶ୍ରୀ ଗୁରୁ ଅନୁକୂଳାଶ୍ରମ ଓ ସମ୍ବାଦ ଆମ ଓଡ଼ିଶା ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରେଲୱେ ଇନ୍‌ଷ୍ଟିଚ୍ୟୁଟ ପରିସରରେ ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ମୋଟ ୪୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ଆମ ଓଡ଼ିଶା ଉପଧ୍ୟାକ୍ଷା ତଥା ବିଶିଷ୍ଟ ସମାଜ ସେବିକା ଶ୍ରୀମତୀ ସୁଦତ୍ତା ପଟ୍ଟନାୟକ ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ ପୂର୍ବକ ଅଧ୍ୟାତ୍ମିକ କାର୍ଯ୍ୟକ୍ରମରେ ରକ୍ତଦାନ ପରି ସାମାଜିକ କାର୍ଯ୍ୟକ୍ରମ ଜାରି ରହିବା ପାଇଁ ମତବ୍ୟକ୍ତ କରିଥିଲେ। ସମାଜସେବୀ ଗୀତାଞ୍ଜଳୀ ବକ୍ସି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ, ଶିକ୍ଷାବିତ୍ ପରେଶ ଚନ୍ଦ୍ର ପାତ୍ର, ସହ-ପ୍ରତିଋତ୍ୱିକ ଶ୍ୟାମସୁନ୍ଦର ଦେ, ଅତନୁ କୁମାର ଜେନା, ସବ୍ୟସାଚୀ ଷଡ଼ଙ୍ଗୀ, ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ, ଆଶୁତୋଷ କୁଣ୍ଡୁ, ନଗେନ୍ଦ୍ର କୁମାର ବେହେରା, ନିତ୍ୟାନନ୍ଦ ପ୍ରଧାନ, ଗୋପାଳ ମଣ୍ଡଳ, ମହେନ୍ଦ୍ର ନାୟକ, ନିତ୍ୟାନନ୍ଦ ପାତ୍ର, ମଧୁସୂଦନ ଦାସ, ବନବିହାରୀ ପ୍ରଧାନ, ବିଚିତ୍ରା ନନ୍ଦ ବାରିକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ, ବାଲେଶ୍ୱର, ଭଦ୍ରକ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନ ଓ ଓଡ଼ିଶା ବାହାରର ପ୍ରବାସୀ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହସ୍ରାଧିକ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ।

# କନିଷ୍ଠ ଶିକ୍ଷକମାନଙ୍କ ରାଜଭବନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା



ଭୁବନେଶ୍ୱର (ପିଏନ୍): ଓଡ଼ିଶା କନିଷ୍ଠ ଶିକ୍ଷକମାନଙ୍କର ପାରିତୋଷିକ ବୃଦ୍ଧି ନେଇ ବାରମ୍ବାର ଦାବି ଓ ଆନ୍ଦୋଳନ କରିଆସୁଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି ଯାହା ଅତ୍ୟନ୍ତ କ୍ଷୋଭର ବିଷୟ। ଏହାର ପ୍ରତିବାଦସ୍ୱରୂପ ରାଜ୍ୟ ସଂଘର ସଭାପତି ଶ୍ରୀକାନ୍ତ ବାରିକଙ୍କ ଡ଼ାକରାରେ ରାଜ୍ୟର ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ରାଜଭବନ ସମ୍ମୁଖରେ ଅନୁଷ୍ଠିତ ଶାନ୍ତିପୂର୍ଣ୍ଣ ଧାରଣାରେ ଯୋଗ ଦେଇଥିଲେ। ଉକ୍ତ ଧାରଣା ସମୟରେ ଓଡ଼ିଶା ସରକାରଙ୍କ ପ୍ରଶାସନିକ ଅଧିକାରୀଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସରାକରଙ୍କ ପୁଣିଥରେ ବୈମାତୃକ ମନୋଭାବ ପୂର୍ବ ପ୍ରତିଶ୍ରୁତି ଭଳି ପ୍ରତିଶ୍ରୁତି ହିଁ ମିଳିଥିଲା। ପାରିତୋଷିକ ବୃଦ୍ଧି ନେଇ କେନ୍ଦ୍ର ସରକାରଙ୍କୁ ଚିଠି ମାଧ୍ୟମରେ ଜଣାଇବୁ ବୋଲି ପ୍ରଶାସନିକ ଆଧିକାରୀ ପ୍ରତିଶ୍ରୁତି ଦେବା ପରେ କନିଷ୍ଠ ଶିକ୍ଷକ ସଂଘର ସଭାପତି ଶ୍ରୀକାନ୍ତ ବାରିକଙ୍କ ନେତୃତ୍ୱରେ ଏକ ପାଞ୍ଚଜଣିଆ କର୍ମକର୍ତ୍ତା ରାଜଭବନ ଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପତ୍ର ଦେଖିବା ପରେ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ଏହାର ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ସଂଘ ଗଣଧାରଣାକୁ ସ୍ଥଗିତ ରଖିଥିଲା। ଯଦି ଗୋଟିଏ ମାସ ମଧ୍ୟରେ ଦାବି ପୂରଣ ନହୁଏ ତେବେ ବ୍ୟାପକ ପ୍ରସ୍ତୁତି ସହ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ସଂଘ ଚରମ ନିଷ୍ପତ୍ତି ନେଇଛି। ଉକ୍ତ ଗଣଧାରଣାରେ ସଭାପତି ଶ୍ରୀକାନ୍ତ ବାରିକ, ସହ ସମ୍ପାଦକ ଜନ୍ମେଜୟ ମାଝୀ, ଅମର ବାଗ, ଶାଶ୍ୱତ ଯୋଶୀ, ମଳୟ କୁମାର ଜେନା, ବଜ୍ର ଶଗରିଆ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ପୂର୍ବତନ ସମ୍ପାଦକ ଶ୍ରୀକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିତ୍ରକଳା ସମ୍ପର୍କିତ ଆଲୋଚନାଚକ୍ର 'ବର୍ଣ୍ଣ କ୍ରିଡ଼ା' ଭାରତୀୟ ଚିତ୍ରର ପର୍ଯ୍ୟାଲୋଚନା



ଭୁବନେଶ୍ୱର (ପିଏନ୍): ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଋରୁକଳା ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଦଳିତକଳା ଏକାଡ଼େମୀ ଦ୍ୱାରା ଆୟୋଜିତ ହୋଇଯାଇଛି ଚିତ୍ରକଳା ସମ୍ପର୍କିତ ଏକ ଆଲୋଚନାଚକ୍ର 'ବର୍ଣ୍ଣ କ୍ରିଡ଼ା'।

ଓଡ଼ିଶାର ଖ୍ୟାତନାମା ଚିତ୍ରଶିଳ୍ପୀ ଗୌରାଙ୍ଗ ବାରିକି ଭାରତର ବର୍ଷୀୟାନ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ଶୈଳୀଠୁ ଆରମ୍ଭ କରି ନିଜର ସମଗ୍ର ଚିତ୍ରକଳାର ବୃତ୍ତଚିତ୍ର ସହ ଛାତ୍ରଛାତ୍ରୀ ତଥା ଚିତ୍ରଶିଳ୍ପୀମାନଙ୍କ ସମ୍ମୁଖରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ।

ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ କଳା ଆଲୋଚନାଚକ୍ରରେ ଛାତ୍ରଛାତ୍ରୀ ମାନଙ୍କ ବୌଦ୍ଧିକ ବିକାଶ ବିଷୟରେ କହିଥିଲେ। ଏହି ଅବସରରେ ନୂଆଦିଲ୍ଲୀର ବିଶିଷ୍ଟ ଚିତ୍ରଶିଳ୍ପୀ ରବୀନ୍ଦ୍ର ବର୍ମା, ଶ୍ରୀରାମ ଗୋହିରୀ ଓ ଲଳିତକଳା ଏକାଡ଼େମୀର ମୁଦ୍ରଣ ବିଭାଗର ପ୍ରମୋଦ ବରୁଆ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଉତ୍ସାହପ୍ରଦ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁସ୍ମିତା ବର୍ମା, ମିନୁ ବର୍ମା, ନେହା ବର୍ମା, ଅଧ୍ୟାପକ ଚନ୍ଦନ କୁମାର ସାମଲ, ମାସନରଞ୍ଜନ ନାୟକ, ବିଶ୍ୱକାନ୍ତ ପଣ୍ଡା, ଲକ୍ଷ୍ମୀଧର ସ୍ୱାଇଁ, କେଦାର ନାୟକ ଓ ଅଧ୍ୟାପିକା ମଧୁସ୍ମିତା ଦାସ ଏବଂ ସସ୍ମିତା କାମିଲା ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।




### ଉତ୍କଳ ସାମ୍ବାଦିକ ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ

# ଗଠନମୂଳକ ଓ ନିର୍ଭିକ ସମ୍ବାଦ ପରିବେଷଣ ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭଦ୍ରକ, (ପିଏନ)- ସମାଜରେ ଦୁର୍ନିତୀ, ଅତ୍ୟାଚାର ଓ ଭଷ୍ଟାଚାର ବଢି ଚାଲିଛି । କୁସଂସ୍କାରକୁ ହଟାଇ ସଂସ୍କାର ଆଣିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇ ପଡିଛି । ସେଥିପାଇଁ ସାମ୍ବାଦିକ ମାନେ ଗଠନମୂଳକ, ତଥ୍ୟ ସମ୍ବଳିତ ଖବର ସହିତ ନିର୍ଭିକ ସମ୍ବାଦ ପରିବେଷଣ କଲେ ସମାଜରୁ କୁସଂସ୍କାର ଦୂର ହୋଇପାରିବ ବୋଲି ଆଜି ଧାମନଗର ଠାରେ ଉତ୍କଳ ସାମ୍ବାଦିକ ସଂଘର ଭଦ୍ରକ ଜିଲା କାର୍ଯ୍ୟକାରିଣୀ ବୈଠକରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ଧାମନଗର ସରକାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ସଂଘର କାର୍ଯ୍ୟକାରିଣୀ ବୈଠକ ଓ ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମର ଭୂମିକା ଶୀର୍ଷକ ଆଲୋଚନା ଚକ୍ରରେ ସଂଘର ଜିଲା ସଭାପତି ରବୀନାରାୟଣ ଖିଲାର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ସଂଘର ରାଜ୍ୟ ସଭାପତି ବିଭୁତିଭୂଷଣ କର, ସମ୍ମାନିତ ଅତିଥି ରାଜ୍ୟ କାର୍ଯ୍ୟକାରି ସଭାପତି ହାରାଧର ବାନାର୍ଜୀ ଓ ରାଜ୍ୟ ସଂଯୋଜକ ମଦନ ପାଣି ଯୋଗଦେଇ ରାଜ୍ୟ ସରକାର ସାମ୍ବାଦିକ ଚିହ୍ନଟ ପ୍ରକ୍ରିୟା ଆଜି ପର୍ଯ୍ୟନ୍ତ କରିପାରୁନାହାନ୍ତି । ହେଲେ ପଡୋଶୀ ରାଜ୍ୟ ମାନଙ୍କରେ ସାମ୍ବାଦିକ ମାନଙ୍କୁ ଭତା ପ୍ରଦାନ କରାଯାଉଥିବା ବେଳେ ଆମ ରାଜ୍ୟରେ ସାମ୍ବାଦିକଙ୍କୁ ଅଣଦେଖା କରାଯାଉଛି । ବିଳମ୍ବ ହେଲେ ବି ସରକାର ସାମ୍ବାଦିକଙ୍କ ପାଇଁ ଯେଉଁ ସ୍ୱାସ୍ଥ୍ୟ ବୀମା ଯୋଜନା ପ୍ରଣୟନ କରିଛନ୍ତି ତାହା ବହୁ କମ ଅର୍ଥାଥ ୨ଲକ୍ଷ ଟଙ୍କା ଥିବା ବେଳେ ସାମ୍ବାଦିକଙ୍କ ବାପା ଓ ମାଆଙ୍କୁ ଏଥିରେ ସାମିଲ କରାଯାଇନାହିଁ । ସଂଘ ଏଥିପାଇଁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ରାଜ୍ୟ ସଭାପତି ଶ୍ରୀ କର ପ୍ରକାଶ କରିଥିଲେ।

ଆଲୋଚନା ଚକ୍ରରେ ବରିଷ୍ଠ ନାଗରିକ ପରିଷଦର ସାଧାରଣ ସଂପାଦକ ଶଚୀକାନ୍ତ ପଣ୍ଡା, କବି ଦୟାନିଧି ମିଶ୍ର, ଶିକ୍ଷାବିତ ଅଭିମନ୍ୟୁ ମଲ୍ଲିକ, ମନୋଜ କୁମାର ଜେନା, ହେମେନ୍ଦ୍ର ମହାନ୍ତି, ଏମଡି ସକିଲ ଅହେମ୍ମଦ, ଅଧ୍ୟାପକ ବିଜୟ ଦାସ, ପ୍ରଦୀପ କୁମାର ଜେନା ଓ ବାବୁ ଖାଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ରସାନନ୍ଦ ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅନିଲ କୁମାର ବାରିକ ଅତିଥି ପରିଚୟ ଓ ସେକ ଜାଫର ଅଲ୍ଲୀ ଧନ୍ୟବାଦ ପ୍ରଦାନ କରିଥିଲେ ।

ଭଦ୍ରକ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ସାମ୍ବାଦିକ ଜଗବନ୍ଧୁ ବେହେରା, ଅଜୟ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ଅପୂର୍ବ ବେହେରା, ଅବିନାଶ ପଣ୍ଡା, ରମେଶ ପାକଳ, ରାଜେନ୍ଦ୍ର ଶତପଥୀ, ମନୋରଞ୍ଜନ ମହାନ୍ତି, ଦିପକ ବିଶ୍ୱାଳ, ବିବେକାନନ୍ଦ ସାମଲ, ଦେବାଶିଷ ରଥ, ଗୌରାଙ୍ଗ ଦାସ, ସୁଧାକର ଦାଶ, କୈଳାସ ଗୁପ୍ତା, ସଂଗ୍ରାମ ଜେନା, ଅନନ୍ତ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ, ଜଗନ୍ନାଥ ବେହେରା, ସନ୍ତୋଷ ଦାସ, ସରୋଜ ସେଠୀ, ଗୌରାଙ୍ଗ ଦାସ, ବିଜୟ ରାମ, ଅଜିତ ରାଉତ, ମାନଗୋବିନ୍ଦ ଜେନା, ଜ୍ଞାନରଞ୍ଜନ ଦାସ, ଓମକାର ଅନୁରାଗ ମହାପାତ୍ର ଓ ନିଳମଣି ପତି ପ୍ରମୁଖ ପରିଚାଳନା କରିଥିଲେ । ପ୍ରାରମ୍ଭରେ ବିଭିନ୍ନ ସଂଗଠନ ପକ୍ଷରୁ ସଂଘର ରାଜ୍ୟ କାର୍ଯ୍ୟକର୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଶିଷ୍ଟ ସମାଜସେବୀ ତଥା ଯାଦବ ନେତା କୃଷ୍ଣଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ବଡଭାଇର ଜିଭକୁ କାମୁଡି ଛିଣ୍ଡାଇଲା ସାନଭାଇ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ଥାନା ଲାଞ୍ଜି ଗ୍ରାମରେ ବଡଭାଇର ଜିଭକୁ କାମୁଡି ଛିଣ୍ଡାଇ ପକାଇଛି ସାନଭାଇ । ଏନେଇ ବଡଭାଇର ଏତଲା କ୍ରମେ ପୁଲିସ ସାନଭାଇକୁ ଗିରଫ କରିଛି । ସୂଚନାମତେ ଲାଞ୍ଜି ଗ୍ରାମର କାର୍ତିକ ମାଝୀଙ୍କ ୨ ପୁଅ ନେପାଳ ମାଝୀ ଏବଂ ସତ୍ୟପାଳ ମାଝୀ ଏକତ୍ର ମଦ୍ୟପାନ କରିଥିଲେ । ପରେ କୌଣସି କାରଣକୁ ନେଇ ଉଭୟେ ଘରେ ଝଗଡା କରିଥିଲେ । ଏହି ସମୟରେ ବଡଭାଇ ଅର୍ଜୁନ ମାଝୀ ଉଭୟଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ସାନଭାଇ ନେପାଳ ମାଝୀ ବଡଭାଇ ଅର୍ଜୁନ ମାଝୀଙ୍କୁ ଆକ୍ରମଣ କରି ତାଙ୍କ ଜିଭକୁ କାମୁଡି ଛିଣ୍ଡାଇ ଦେଇଥିଲେ । ଏନେଇ ଅର୍ଜୁନ ମାଝୀଙ୍କ ଏତଲା କ୍ରମେ ଖଡିଆଳ ପୁଲିସ ୩୬୩/୨୦୧୯ରେ ଏକ ମାମଲା ରୁଜୁ କରି ସାନଭାଇ ନେପାଳ ମାଝୀଙ୍କୁ ଗିରଫ କରିଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ବଡଭାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି ।



ତେଲେଙ୍ଗାନା 'ଆଟ୍ ହୋମ ରିସିପସନ' କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ

### ମିଳିତ ରକ୍ତଦାନ ଶିବିର-୨୨ ୟୁନିଟ ରକ୍ତ ସଂଗ୍ରହ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ତୁକଲା ସ୍ଥିତ କ୍ଷମାମେହେର ଡିଗ୍ରୀ କଲେଜ, ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବ ରେଡକ୍ରସ ଓ ବିଜୁ ଯୁବ ବାହିନୀର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ସଭା କଲେଜ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କ୍ଷମା ମେହେର ଡିଗ୍ରୀ କଲେଜର ଅଧ୍ୟକ୍ଷ ଉମାକାନ୍ତ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଡଃ. ତରୁଣ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ବିଜୁ ଯୁବ ବାହିନୀର ସଂଯୋଜକ ଚନ୍ଦନ ସାହୁ, ବିଜେଡି ଯୁବରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ସାହିସ, ଜୋନ ସଂଯୋଜକ ଅଭିଶେକ ଜଗତ, ଅଜିତ ପଣ୍ଡା, ସଞ୍ଜୟ ନାୟକ, ବରୁଣ ବଘାର ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ୨୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଖଡିଆଳ ଉପଖଣ୍ଡ ଚିକିତ୍ସାଳୟର ଶିଶୁ ରୋଗ ବିଶେଷଜ୍ଞ ଡ. ମହେନ୍ଦ୍ର ମାଝୀ, ପିଏଚଇଓ ଧର୍ମେନ୍ଦ୍ର ତାଣ୍ଡି, ତୁକଲା ଡାକ୍ତରଖାନାର ଆୟୁଷ ଡକ୍ତର ମଧୁଲିକା ପଟ୍ଟନାୟକ, ନୀଳମଣି ମେହେର, ସହଦେବ ମେହେର, ହରେକୃଷ୍ଣ ମାଝୀ, ରଶ୍ମିରଞ୍ଜନ ପ୍ରଧାନ, କଲେଜର ଗୋପାଳ ଚନ୍ଦ୍ର ଦୁବେ, ହେମରାଜ ସାହୁ, ସୁଦେଶ୍ୱର ସାହୁ ଯୋଗଦାନ କରିଥିଲେ ।

## କାଗଜ କଲମରେ ଚାଲିଛି ବନ୍ତ ବ୍ଲକ୍ ସ୍ୱାସ୍ଥ୍ୟସେବା : ଡାକ୍ତର ଅଭାବ ମୁଖ୍ୟ ସମସ୍ୟା

ଭଦ୍ରକ, (ପିଏନ)-ସରକାର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ପ୍ରଥମ ପର୍ଯ୍ୟାୟରେ ଏହାକୁ ୫ଟିରେ ଅନ୍ତର୍ଭୁକ୍ତ କରିଥିଲେ। କିନ୍ତୁ ଭଦ୍ରକ ଜିଲା ବନ୍ତ ବ୍ଲକ୍‌ରେ ଏହାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ୍ତ ବ୍ଲକ୍ ଆଗରପଡାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଥିବାବେଳେ ଏହା ଅଧୀନରେ କାଦବରାଙ୍ଗ, ଅଡାଳପଙ୍କ, କେନ୍ଦୁଆପଦା ଓ ବନ୍ତରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ମାନ ରହିଛି। ପ୍ରାୟ ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ମୁଖ୍ୟ ସମସ୍ୟା ପାଲଟିଛି। ଯଦ୍ୱାରା ଠିକ୍ ଭାବେ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ ବୋଲି ଅଭିଯୋଗ ହେଉଛି। ଆଗରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ରୋଗ, ଶିଶୁ, ଅସ୍ତ୍ରୋପଚାର, ମେଡିସିନ୍ ପରି ସବୁ ବିଶେଷଜ୍ଞ ପଦବୀ ଗୁଡିକ ଖାଲି ପଡିଛି। ଏଥିସହିତ ଅନ୍ୟାନ୍ୟ ପଦବୀର ଅବସ୍ଥା ତଦ୍ରୂପ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପକ୍କାଗୃହ ଭର୍ତ୍ତି ହୋଇଥିବାବେଳେ ମାତ୍ର ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ମିଳିପାରୁନାହିଁ। ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ବନ୍ତ ବ୍ଲକର ସଦର ମହକୁମାରେ ଅବସ୍ଥିତ ଥିଲେ ସୁଦ୍ଧା ଭଙ୍ଗା ଆଜବେଷ୍ଟସ୍ ଘରେ ରୋଗୀ ସେବା ଚାଲିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ପ୍ରତିଷ୍ଠା ହେବାର ୬୬ ବର୍ଷ ପରେ ମଧ୍ୟ ସଫଳ ରୋଗୀ ସେବା ଯୋଗାଇବାର ବିଫଳ ହୋଇଛି। ନିଯୁକ୍ତି ପାଇଥିବା ଡାକ୍ତର ଜଣକ ସପ୍ତାହରେ ୩ ଦିନ ତାହା ପୁଣି ସକାଳ ୭ ଟାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଡ୍ୟୁଟି କରୁଥିବା ବେଳେ ଅନ୍ୟ ସମୟରେ ନିଯୁକ୍ତି ପାଇଥିବା ଫାର୍ମାସିଷ୍ଟ ରୋଗୀ ସେବା କରୁଛନ୍ତି। ଜଣେ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ୨ ଜଣ ୪ର୍ଥ ଶ୍ରେଣୀ କର୍ମଚାରୀ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୨ ଜଣ ଷ୍ଟାଫନର୍ସ ଓ ୨ ଜଣ ସହକାରୀ ଏଏନ୍ଏମ୍, ୨ ଜଣ ଆଟେଣ୍ଡାଣ୍ଟ ଓ ଜଣେ ଚୁକ୍ତିଭିତ୍ତିକ ଟେକ୍ନିସିଆନ୍ ଏଠାରେ ରୋଗୀ ସେବା କରୁଛନ୍ତି। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆମ୍ବୁଲାନ୍ସ ସେବା ସଂପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ୨ ମହଲା ବିଶିଷ୍ଟ ୩ଟି ବିଲ୍ଡିଂ, ୬ଟି ଷ୍ଟାଫ୍ କ୍ୱାର୍ଟସ୍ ନିର୍ମାଣ କାର୍ଯ୍ୟ ପ୍ରାୟ ୭ ବର୍ଷ ହେଲା ଚାଲିଥିଲେ ସୁଦ୍ଧା ଅଦ୍ୟାବଧି ସରିପାରିନାହିଁ। ଅନୁରୂପ ଭାବେ କାଦବରାଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଆୟୁଷ ଡାକ୍ତର ଓ ଜଣେ ଫାର୍ମାସିଷ୍ଟ ରୋଗୀ ସେବା କରୁଛନ୍ତି। ଏଏନ୍ଏମ୍, ଝାଡୁଦାର, ଅଟେଣ୍ଡାଣ୍ଟ ପଦବୀ ଖାଲି ପଡିଛି। ଅଡାଳପଙ୍କ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଫାର୍ମାସିଷ୍ଟ ଡେପୁଟେସନରେ ରହିଛନ୍ତି। କେନ୍ଦୁଆପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଫାର୍ମାସିଷ୍ଟ ରହିଛନ୍ତି। ଏନଆରଏଚ୍ଏମ୍ ପକ୍ଷରୁ ମଂଜୁରୀ ଅର୍ଥରେ ନୂଆ ବିଲ୍ଡିଂ ମାନ ନିର୍ମାଣ ହୋଇଥିଲେ ସୁଦ୍ଧା ଏହା ବ୍ୟବହାର ହୋଇପାରିନଥିବାରୁ ଭୂତକୋଠୀ ପାଲଟିଲାଣି। ଯଦି ଏହିପରି ଭାବେ ସ୍ୱାସ୍ଥ୍ୟସେବା ଚାଲେ ତେବେ ସରକାରଙ୍କ ଦ୍ୱାରା ନିୟୋଜିତ ହେଉଥିବା ଯୋଜନା କେତେ ସଫଳ ହେବ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

### ୧୧ତମ ରାଜ୍ୟସ୍ତରୀୟ ପୁସ୍ତକମେଳା

# ଜୀବନର ପ୍ରକୃତ ବନ୍ଧୁ ହେଉଛି ପୁସ୍ତକ :ଜିଲ୍ଲାପାଳ



ଯାଜପୁର,(ପିଏନ)- ଯାଜପୁର ସଦର ମହକୁମା ଠାରେ ରାଜ୍ୟସ୍ତରୀୟ ପୁସ୍ତକ ମେଳା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ପୁସ୍ତକ ମେଳାକୁ ଯାଜପୁର ଜିଲ୍ଲାପାଳ ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରି ଉଦ୍‌ବୋଧନରେ କହିଥିଲେ ଜୀବନର ପ୍ରକୃତ ବନ୍ଧୁ ହେଉଛି ପୁସ୍ତକ । ପୁସ୍ତକ ଭାଷା, ସାହିତ୍ୟ ଓ ସଂସ୍କୃତିର ଶ୍ରେଷ୍ଠ ବାହାକ । ପୁସ୍ତକ ବିନା ମଣିଷ ଜୀବନ ନିରର୍ଥକ ଅଟେ। ଆମ୍ଭେ ଗୁଗୁଲ୍ ଇଣ୍ଟନେଟ୍‌ରେ ତଥ୍ୟ ପାଉଁ କିନ୍ତୁ ଭାବ ମିଳେ ନାହିଁ । ଯାହାକି ପୁସ୍ତକ ମାଧ୍ୟମରେ ଭାବ ମିଳିଥାଏ । ସେହିପରି ସଭାରେ ମୁଖ୍ୟଅତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପଦେଷ୍ଟା ଶ୍ରୀ ଜନ୍ମେଜୟ ଲେଙ୍କା ଉଦ୍‌ବୋଧନରେ କହିଥିଲେ ଯାଜପୁରରେ ଏଭଳି ପୁସ୍ତକ ମେଳା ହେବା ସ୍ୱାଗତ ଯୋଗ୍ୟ ଅଟେ। ସଭାରେ ଅନ୍ୟତମ ବକ୍ତାଭାବେ ଯାଜପୁର ଉପ-ଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ, ପ୍ରଫେସର ଉଦୟନାଥ ପରିଡ଼ା, ଡ଼. ସୁବ୍ରତ କୁମାର ପୃଷ୍ଟି, ତ୍ୟାଗ ସ୍ୱରୂପାନନ୍ଦଜୀ ମହାରାଜ, ବିଭୂତି ମହାପାତ୍ର, ହୃଷିକେଶ ପତି, ପାଣ୍ଡବ ସାହୁ ଉଦ୍‌ବୋଧ ଦେବା ସଙ୍ଗେ ସମ୍ପାଦକ ଡ. କାହ୍ନୁ ଚରଣ ମିଶ୍ର ବିବରଣୀ ପାଠ କରିଥିଲେ ଏବଂ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳାରେ ସଭାପତିତ୍ୱ କରିଥିଲେ ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ । ରାଜ୍ୟ ପୁସ୍ତକମେଳାରେ ୭୨ ଗୋଟି ଷ୍ଟଲ୍ ଖୋଲାଯିବା ସଙ୍ଗେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟ ମୂଳକ କାର୍ଯ୍ୟକ୍ରମ ଷ୍ଟଲ୍ ଦେଖିବାକୁ ମିଳିଥିଲା । ଏହା ସଙ୍ଗେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯାଜପୁରର ବହୁ ଜନସାଧାରଣ ଉଦ୍‌ଘାଟନି ଉତ୍ସବରେ ଯୋଗଦେଇଥିଲେ ।

## ନିମ୍ନମାନର ପିଚୁରାସ୍ତା ନିର୍ମାଣ, ଗ୍ରାମବାସୀ ରାସ୍ତା ନିର୍ମାଣ ବନ୍ଦ କଲେ

ନୂଆପଡା, (ପିଏନ୍)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବଙ୍କାପୁର ଗ୍ରାମର ବସଷ୍ଟାଣ୍ଡ ଠାରୁ ବଙ୍କାପୁର ଗ୍ରାମ ଦେଇ ୧୦ କିଲୋମିଟର ଦୂର ରାଣିମୁଣ୍ଡା ଗ୍ରାମକୁ ନିର୍ମାଣ ହେଉଥିବା ପିଚୁରାସ୍ତା କାମ ଅତ୍ୟନ୍ତ ନିମ୍ନମାନ ହେଉଥିବା ଅଭିଯୋଗ ହେଉଛି । ଏନେଇ ଗୁରୁବାର ବଙ୍କାପୁର ଗ୍ରାମବାସୀ ପିଚୁ ରାସ୍ତା ନିର୍ମାଣ ବନ୍ଦ କରି ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୂଚନାମତେ ବଙ୍କାପୁର ଗ୍ରାମରୁ ରାଣିମୁଣ୍ଡା ଗ୍ରାମକୁ ଗତ ୧୫ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରାଯାଇ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ କରାଯାଇଥିଲା ।ସେହିଦିନ ଠାରୁ ମଝି ମଝିରେ ରାସ୍ତାକୁ ମରାମତୀ କରାଯାଉଥିବା ବେଳେ ଗତ ୨ ବର୍ଷରୁ ଅଧିକ ହେବ ଏହି ପିଚୁ ରାସ୍ତା ଠିକ ରହିଥିଲା । କିନ୍ତୁ ଖଡିଆଳ ପିଡବ୍ଲୁଡି ବିଭାଗ ଠିକ ଥିବା ପିଚୁ ରାସ୍ତାକୁ ନିର୍ମାଣ ଆଳରେ ପୁଣି ବିପର୍ଯ୍ୟସ୍ତ କରୁଥିବା ନେଇ ବଙ୍କାପୁର, ଚଚରାଭଟା, ରାଣିମୁଣ୍ଡା, ଆର୍ତତ୍ରାଣପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସଂପୃକ୍ତ ଠିକାଦାର ଏହି ରାସ୍ତାକୁ ଆରମ୍ଭରୁ ଅତ୍ୟନ୍ତ ନିମ୍ନମାନର କରିଥିବା ବେଳେ ଏବେ ନାମକୁ ମାତ୍ର ରାସ୍ତାରେ ପିଚୁ ଦେଇ ନିଜ ଦାୟିତ୍ୱ ସାରି ଦେବାକୁ ଚେଷ୍ଟା କରିଛନ୍ତି । ଠିକାଦାର ଜଣକ ଆରମ୍ଭରୁ ନିୟମ ଅନୁଯାୟୀ ରାସ୍ତା କାମ କରୁନଥିବା ବେଳେ ବର୍ତମାନ ପିଚୁରାସ୍ତା ନିର୍ମାଣରେ ମଧ୍ୟ ଅନିୟମିତତା କରୁଛନ୍ତି । ସେ ନାମକୁ ମାତ୍ର ୧ ଇଂଚର ପିଚୁରାସ୍ତା ନିର୍ମାଣ କରୁଥିବା ଦେଖିବାକୁ ମିଳିଛି । ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହେଉଛି । ଅନ୍ୟପକ୍ଷରେ ବଙ୍କାପୁର ଗ୍ରାମରେ ନିର୍ମାଣ ହେଉଥିବା ପିଚୁରାସ୍ତା କାମକୁ ଗ୍ରାମବାସୀ ବିରୋଧ କରି ପିଚୁରାସ୍ତା ନିର୍ମାଣ କାମକୁ ବନ୍ଦ କରିଛନ୍ତି । ଏହି ନିମ୍ନମାନର ରାସ୍ତାକାମରେ ପିଡବ୍ଲୁଡି ବିଭାଗର ମଧ୍ୟ ସଂପୃକ୍ତି ରହିଥିବା ଅଭିଯୋଗ ହେଉଛି । ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ସଂପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁଣି ଠିକ ପରିମାଣରେ ପିଚୁଦେଇ ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବୀ ହେଉଛି ।

### ଅଗ୍ରଗାମୀ ଦ୍ୱାରା ଦୁଇଦିନିଆ ମାଣ୍ଡିଆଜାତୀୟ ଶସ୍ୟକୁ ନେଇ ବୈଠକ

# ପୂର୍ବପୂରୁଷଙ୍କ ଖାଦ୍ୟପ୍ରଣାଳୀକୁ ଫେରିବାର ସମୟ ଆସିଛି

କୋରାପୁଟ, (ପିଏନ): ପୂର୍ବଜମାନେ ସଠିକ୍ ଦିଗଦର୍ଶନ ଦେଉଥିଲେ । ଖାଦ୍ୟପ୍ରଣାଳୀରେ ସେମାନଙ୍କର ଭାବନା ଠିକ୍ ଥିଲା । ଆମେ ବାହାର ଲୋକଙ୍କ ଖାଦ୍ୟପ୍ରଣାଳୀ ଆପଣାଇ ରୋଗକୁ ଡାକି ଆଣିଛୁ । ଆମର ମାଣ୍ଡିଆଜାତୀୟ ଖାଦ୍ୟ ପ୍ରଣାଳୀ ବିଦେଶରେ ବେଶ୍ ଲୋକପ୍ରିୟ ହେଲାଣି । ଡାକ୍ତର କହୁଛନ୍ତି ମାଣ୍ଡିଆ ଖାଆ । ଆମକୁ ପୁଣିଥରେ ଆମର ପୂର୍ବପୁରୁଷଙ୍କ ସଂସ୍କୃତିକୁ ଗୁରୁତ୍ୱ ଦେଇ ଫେରିବାକୁ ପଡ଼ିବ ବୋଲି କୋରାପୁଟ ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ତଥା ପୂର୍ବତନ କୃଷି କମିଶନର ସଦସ୍ୟ-ସଂପାଦକ ଶ୍ରୀ ଗଦାଧର ପରିଡ଼ା ମତ ଦେଇଛନ୍ତି । ଶ୍ରୀ ଅଗ୍ରଗାମୀ, କାଶୀପୁର ଏବଂ ମିଲେଟ୍ ନେଟ୍‌ୱାର୍କ, ମିନି ଇଣ୍ଡିଆର ମିଳିତ ଆନୁକୂଲ୍ୟରେ କୋରାପୁଟ ସ୍ଥିତ ଅତିଥି ଭବନର ସଭାକକ୍ଷରେ ୭୦ରୁ ଉର୍ଦ୍ଧ୍ୱ ମାଣ୍ଡିଆଜାତୀୟ ଶସ୍ୟକୁ ପ୍ରୋତ୍ସାହିତ କରୁଥିବା ମାଣ୍ଡିଆ ନାନି, ମହିଳା କୃଷକ, ଅନୁଷ୍ଠାନର କର୍ମକର୍ତ୍ତା, ନାଗରିକ ସମାଜ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇ ମାଣ୍ଡିଆଜାତୀୟ ଫସଲ, ଉତ୍ପାଦନ, ବ୍ୟବସାୟିକ ବ୍ୟବସ୍ଥାକୁ ନେଇ ଆଲୋଚନା ହୋଇଯାଇଛି । ଏହି ଦୁଇଦିନିଆ କର୍ମଶାଳାରେ ମାଣ୍ଡିଆଜାତୀୟ ଶସ୍ୟର ଗୁରୁତ୍ୱ, ଆଦିବାସୀ ଖାଦ୍ୟପୋଷଣ, ପୁଷ୍ଟିସାର ଉପରେ ସବୁବେଳେ ଗୁରୁତ୍ୱ ଦେବାର ସମୟ ଆସିଛି ଏବଂ ମାଆମାନେ ଓ ଅନୁଷ୍ଠାନମାନେ ଏକାଠି ହୋଇ ମାଣ୍ଡିଆଜାତୀୟ ଶସ୍ୟର ପ୍ରସାର, ପ୍ରସାର ଏବଂ ଏହାର ଗୁଣାବର୍ତ୍ତାକୁ ନେଇ ଚାଷୀମାନଙ୍କୁ ବୁଝାଇବେ ବୋଲି ଶପଥ ପାଠ କରିଥିଲେ ।




ଦ୍ୱିତୀୟ ଦିବସର ଅଧିବେଶନରେ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଆଲୋକ କୁମାର ଆଙ୍ଗୁଳିଆ ଯୋଗ ଦେଇ ମାଲକାନଗିରି ଅଂଚଳର ବଣ୍ଡାମାନଙ୍କ ଶକ୍ତି ଓ ସାମର୍ଥ୍ୟ ସମ୍ପର୍କରେ ଉପସ୍ଥାପନ କରି କହିଥିଲେ ଯେ, ସେମାନଙ୍କ ଶକ୍ତି କେବଳ କାଙ୍ଗୁ, ମାଣ୍ଡିଆ ଆଦି ଲଘୁଦାନା ଶସ୍ୟରୁ ଖାଦ୍ୟ ରୂପେ ବ୍ୟବହାର କରି ପାଉଛନ୍ତି । ନିକଟରେ ପରବରେ ଏହା ବେଶ୍ ଲୋକପ୍ରିୟତା ହୋଇଥିଲା ବୋଲି ଶ୍ରୀ ଆଙ୍ଗୁଳିଆ ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ବିଶିଷ୍ଟ ସାମାଜିକ କର୍ମୀ ଶ୍ରୀ ୟୁମି ଡ଼ାନିଏଲ କହିଥିଲେ ଯେ, ଗ୍ରାମାଂଚଳର ମାଣ୍ଡିଆଜାତୀୟ ଶସ୍ୟ ଉତ୍ପାଦନ ହେଉଥିଲେ ମଧ୍ୟ ବେପାରୀଙ୍କ ଦ୍ୱାରା ବାହାରକୁ ଚାଲି ଯାଉଛି । ଶିଶୁ, ବାଳିକାମାନେ ଯେପରି ରୋଜଗାର ଉଦ୍ଦେଶ୍ୟରେ ବାହାରକୁ ନଯାଇ ନିଜ ଅଂଚଳରେ ଆତ୍ମ ନିର୍ଭରଶୀଳ ହେବେ, ସେଥିପ୍ରତି ନିଜର ବକ୍ତବ୍ୟ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସ୍ପ୍ରେଡ଼, କୋରାପୁଟର ସଂପାଦକ ଶ୍ରୀ ବିଦ୍ୟୁତ ମହାନ୍ତି ମାଣ୍ଡିଆ ଜାତୀୟ ଖାଦ୍ୟର ଆବଶ୍ୟକତା ଦିନକୁ ଦିନ ବଢ଼ିଲାଣି । ମାଆମାନେ ଏହାକୁ ଘରୋଇ ଖାଦ୍ୟ ଭାବରେ ବ୍ୟବହାର କରିବା ସହିତ ଏହାର ଖାଦ୍ୟ ପ୍ରସ୍ତୁତ କରି ବିଭିନ୍ନ ପ୍ରକାର ରୋଜଗାର କରାଯାଇପାରିବ ବୋଲି ମତ ଦେଇଥିଲେ ।

ଦ୍ୱିତୀୟ ଦିବସରେ ମାଣ୍ଡିଆ ନାନି, ମାଣ୍ଡିଆଜାତୀୟ ଶସ୍ୟର ପ୍ରସାର ନିମନ୍ତେ ଅନ୍ୟ ଅନୁଷ୍ଠାନମାନଙ୍କୁ ସହଯୋଗ କରିବା, ମାଣ୍ଡିଆ ବ୍ୟତୀତ ଅନ୍ୟ ଲଘୁଦାନା ଶସ୍ୟଗୁଡ଼ିକର ଯେପରି ସରକର ସର୍ବନିମ୍ନ ବିକ୍ରୟ ରାଶି ସ୍ଥିର କରିବେ ଏବଂ କିଣିବେ, ସେଥିପାଇଁ ଗୁରୁତ୍ୱ ଦିଆଯାଇଥିଲା । ଶ୍ରୀ ଅଚ୍ୟୁତ ଦାସ ନିଜର ବକ୍ତବ୍ୟରେ କହିଥିଲେ ଯେ, ଆମେ ଯେଉଁ ପ୍ରକାର କ୍ଷତି କରି ଚାଲିଛେ, ଅନେକ ବର୍ଷ ଲାଗିଯିବ ଏହାକୁ ଭରଣା କରିବା ପାଇଁ । ଆଦିବାସୀ ଏହାକୁ ଖାଇବ ନା ବିକ୍ରୀ କରିବ ! ଶ୍ରୀ ଦାସ କୃଷକ ଯେପରି ନିଜର ଖାଦ୍ୟରେ ବ୍ୟବହାର କରିବ ଏବଂ ବଳକା ଶସ୍ୟକୁ ବିକ୍ରୀ କରିବ, ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଦୁଇଦିନରେ ମାଣ୍ଡିଆ ନାନି ମାନେ ସେମାନେ କ'ଣ କ'ଣ ନିଜ ଅଂଚଳରେ କରୁଛନ୍ତି, ସେମାନେ କିପରି ଅନ୍ୟମାନଙ୍କୁ ବୁଝାଉଛନ୍ତି, ସେ ସମ୍ପର୍କରେ ନିଜର ଅନୁଭୂତିକୁ ଆଦାନପ୍ରଦାନ କରିବା ସହିତ ଏଠାରୁ ଗଲାପରେ ସେମାନେ ଅନ୍ୟ ମାଆମାନଙ୍କୁ ବୁଝାଇବେ ବୋଲି ଶପଥ କରିଥିଲେ ।

ଏହି ଦୁଇଦିନିଆ ବୈଠକର ବିଭିନ୍ନ ଅଧିବେଶନରେ କୋରାପୁଟ ମାନ୍ୟବର ସାଂସଦ ଶ୍ରୀ ସପ୍ତଗିରି ଉଲ୍ଲାକା, ଲକ୍ଷ୍ମୀପୁର ବିଧାନସଭା ସଦସ୍ୟ ଶ୍ରୀ ପ୍ରଭୁ ଜାନି, ରୋଶନ କୁମାର କାର୍ତ୍ତିକ, ଓରମାସ, ଶ୍ରୀ ପ୍ରଶାନ୍ତ ମହାନ୍ତି, ସଂପାଦକ, ନିର୍ମାଣ, ଡ. ପ୍ରୀତିଧାରା ସାମଲ, ଶ୍ରୀ ପ୍ରଶାନ୍ତ ପରିଡ଼ା, ଏମ.ଏସ.ସ୍ୱାମିନାଥନ ଫାଉଣ୍ଡେସନ, ଜୟପୁର, ଶ୍ରୀ ତାପସ କୁମାର ରାୟ, ଅତିରିକ୍ତ କୃଷି ଅଧିକାରୀ, ସମାଜକର୍ମୀ ଶ୍ରୀ ବିଦ୍ୟୁତ ମହାନ୍ତି, ସମାଜକର୍ମୀ ଶ୍ରୀ ଉମି ଡାନିଏଲ, ଡ. ଘାସିରାମ ବେହେରରା, ତଥା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ଅନେକ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ ।

## ହେମଲତା ହସ୍ପିଟାଲର ଚର୍ତୁଦଶ ବାର୍ଷିକ ଉତ୍ସବ



ଭୁବନେଶ୍ୱର,(ପିଏନ)- ଓଡିଶାର ଏକମାତ୍ର ଅଗ୍ରଣୀୟ କର୍ପୋରେଟ କର୍କଟ ରୋଗଚିକିତ୍ସା କେନ୍ଦ୍ର, ଯାହାକି ବିଗତ ୧୪ ବର୍ଷ ଧରି ସଫଳତାର ସହିତ କର୍କଟରୋଗ ଚିକିତ୍ସା ପ୍ରଦାନ କରିଆସୁଅଛି । ହେମଲତା ହସ୍ପିଟାଲର ଚର୍ତୁଦଶ ବାର୍ଷିକ ଉତ୍ସବ ଅବସରରେ ବେଙ୍ଗାଲୁରୁସ୍ଥିତ କିଦ୍ୱାଇ ମେଡିକାଲ ଅନଷ୍ଟାନର ପ୍ରକ୍ଷାତ୍ କର୍କଟ ରୋଗ ବିଶେଷଜ୍ଞ ପ୍ରଫେସର (ଡଃ.) କେ.ଗୋବିନ୍ଦ ବାବୁ ହେମଲତା ଓରେସନ ୨୭ ଡିସେମ୍ବର ସଂନ୍ଧ୍ୟାରେ ବକ୍ତବ୍ୟ ପ୍ରଦାନ କରିଥିଲେ। (MANAGEMENT OF METASTATIC BREAST CANCER) ଶିର୍ଷକ ବକ୍ତବ୍ୟ ପ୍ରସଙ୍ଗରେ ପ୍ରଫେସର (ଡଃ.) କେ.ଗୋବିନ୍ଦ ବାବୁ କର୍କଟରୋଗୀ ଚିକତ୍ସିକଙ୍କ ଶିକ୍ଷା ଓ ବୃତି ବିଷୟରେ ଆଲୋକପାତ କରିଥିଲେ। ବହୁ କର୍କଟ ରୋଗ ବିଶେଷଜ୍ଞ ତଥା ଚିକିତ୍ସକ ବୃନ୍ଦ ଏଥିରେ ଯୋଗଦେଇ ଏହାକୁ ସଫଳ ମଣ୍ଡିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ଡଃ. ଅରବିନ୍ଦ କୁମାର ରଥ କହିଥିଲେ ଯେ ବିଗତ ୧୪ ବର୍ଷ ଧରି ଏହି କେନ୍ଦ୍ର ନିରବଚ୍ଛିନ୍ନ ଭାବରେଏବଂ ସୁଲଭ ମୁଲ୍ୟରେ ଅତି ଉଚ୍ଚମାନର ଯୁକ୍ତିଯୁକ୍ତ ଓ ସୁସଙ୍ଗତ ଚିକିତ୍ସା ଦେଇ ଆସୁଅଛି । ଭବିଷ୍ୟତରେ ଚିକିତ୍ସାର ସମସ୍ତପ୍ରକାର ମାନବୃଦ୍ଧି କରାଯାଇ ଏହାକୁ ସମୟ ଉପଯୋଗୀ କରାଯିବାପାଇଁ ହେମଲତା ହସ୍ପିଟାଲ ପ୍ରତିଜ୍ଞାବଦ୍ଧ ଅଟେ । ହେମଲତା ହସ୍ପିଟାଲ୍‌ସ ଏଣ୍ଡ ରିସର୍ଚ୍ଚ ସେନ୍ଟର ଓଡିଶାର ଅଗ୍ରଣୀୟ କର୍ପୋରେଟ କର୍କଟ ରୋଗଚିକିତ୍ସା କେନ୍ଦ୍ର, ଯାହାକି ୨୦୦୫ ମସିହାରେ ପ୍ରଥମକରି ଅତ୍ୟାଧୁନିକ ଲିନିଆକ (LINAC) ସହିତ ଆଇ.ଏମ୍.ଆର.ଟି(IMRT) ଏବଂ ସିଟିସିମୁଲେଟର ପୁର୍ବଭାରତରେ ପ୍ରଚଳନ କରିଥିଲେ, ଯାହାକି ଡଃ. ଏ.ପି.ଜେ.ଅବଦୁଲ କଲାମଙ୍କ ଦ୍ୱାରା ୨୭ ଡିସେମ୍ବର ୨୦୦୫ ମସହିାରେ ଉଦ୍‌ଘାଟିତ ହୋଇଥିଲା । ଏହା ପରଠାରୁ ନିରବଚ୍ଛିନ୍ନ ଭାବରେ ଏହି ହସ୍ପିଟାଲ ବିକିରଣ ଯନ୍ତ୍ର ଦ୍ୱାରା କ୍ୟାନସର ସ୍କ୍ରିନିଂ, ଡାଏଗନୋସିସ୍, କ୍ୟାନସର ସର୍ଜରି, ରେଡିଓଥେରାପି ଏବଂ କିମୋଥେରାପି ଆଦି ଚିକିତ୍ସା କ୍ଷେତ୍ରରେ ହଜାର ହଜାର ରୋଗୀଙ୍କୁ ବ୍ୟାପକ ଭାବେ ଚିକିତ୍ସା କରି ଆସୁଅଛି ।

